**ସଂକ୍ଷେପରେ**

## ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟି ସୁଇପରଙ୍କ ଧାରଣା



ପଟ୍ଟାମୁଣ୍ଡାଇ,୯।୫ (ସ୍ୱ.ପ୍ର): ଅଧିକ ପାରିଶ୍ରମିକ ଦାବି କରି ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିରେ କାର୍ଯ୍ୟ କରୁଥିବା ସୁଇପରମାନେ ଗୁରୁବାର ସକାଳ ୭ଟାରେ ସ୍ଥାନୀୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସୁଇପରମାନେ ୨୧ଟି ୱାର୍ଡ ସମେତ ପଟ୍ଟାମୁଣ୍ଡାଇ ବଜାରର ଗଳି କନ୍ଦି ସଫେଇ କରୁଛନ୍ତି। ମାତ୍ର ସେମାନଙ୍କୁ ଉଚିତ୍ ପାରିଶ୍ରମିକ , ଡ୍ରେସ୍, ଜୋତା, ଗ୍ଲୋଭ୍ସ, ସଫେଇ ସରଞ୍ଜାମ ଆଦି ମିଳୁନାହିଁ। ଦିନକୁ ମାତ୍ର ୧୭୦ଟଙ୍କା ପାରିଶ୍ରମିକରେ ସଫେଇ କରିବା କଷ୍ଟକର ହେଉଛି ବୋଲି ସୁଇପରମାନେ ପ୍ରକାଶ କରିଛନ୍ତି। ଗୁରୁଚରଣ ମାଝି, କେଳୁଚରଣ ଗୋଛାୟତ୍, ଚନ୍ଦନ ଦଳାଇ, ତପନ ଗୋଛାୟତ, ମହେଶ୍ୱର ମହାଳି, କୃପାସିନ୍ଧୁ ଦଳାଇ, ମହେନ୍ଦ୍ର ଦଳାଇ, ପ୍ରେମାନନ୍ଦ ମହାଳି, ଗୋପନ ଗୋଛାୟତ, ନିର୍ମଳ ଗୋଛାୟତଙ୍କ ସମେତ ୫୦ଜଣ ସୁଇପର୍ ପାରଶ୍ରମିକ ବୃଦ୍ଧି ଦାବି କରି କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ମାତ୍ର ପୌର କର୍ତ୍ତୃପକ୍ଷ ଧାରଣାକାରୀମାନଙ୍କୁ କୌଣସି ପ୍ରତିଶ୍ରୁତି ନ ଦେବାରୁ ସେମାନେ ଅପରାହ୍ନ ୨ଟା ବେଳେ ଧାରଣାରୁ ଉଠି ଚାଲି ଯାଇଥିଲେ। ଶୁକ୍ରବାର ସକାଳେ ପୁଣି ଧାରଣା ଦେବେ ବୋଲି ସେମାନେ ଚେତାଇ ଦେଇଛନ୍ତି। ସୁଇପର୍‌ମାନଙ୍କ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବା ଫଳରେ ପଟ୍ଟାମୁଣ୍ଡାଇ ବଜାର ଗଳି କନ୍ଦିରେ କୁଢକୁଢ ଅଳିଆ ଆବର୍ଜନା ପଡିରହିଥିବା ଦେଖିବାକୁ ମିଳିଛି।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ମୁଖ୍ୟ ଶାସନ ସଚିବଙ୍କ ବାତ୍ୟା ପରବର୍ତ୍ତୀ ସମୀକ୍ଷା

# ୨ ଦିନରେ ପୂରା ଜିଲାରେ ବିଜୁଳି

କେନ୍ଦ୍ରାପଡ଼ା ଅଫିସ୍, ୯।୫

ବାତ୍ୟା ଫନୀ ପୁରୀ, ଭୁବନେଶ୍ୱର ଓ କଟକରେ ବିଶେଷ କ୍ଷତି ଘଟାଇଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ କିଛି ମାତ୍ରାରେ କ୍ଷତି ଘଟିଛି। ତେବେ ବାତ୍ୟା ପରବର୍ତ୍ତୀ ସ୍ଥିତିର ସମୀକ୍ଷା ପାଇଁ ଗୁରୁବାର କେନ୍ଦ୍ରାପଡ଼ା ଜିଲାପାଳ କାର୍ଯ୍ୟାଳୟ ସଭାଗୃହରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଯୋଗଦେଇ ବାତ୍ୟାଜନିତ କ୍ଷୟକ୍ଷତି ଓ ରିଲିଫ ପ୍ରଦାନ ଏବଂ ମରାମତି କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

ବାତ୍ୟାରେ ଜିଲାର ୯ ବ୍ଲକ ଓ ଦୁଇଟି ପୌରାଞ୍ଚଳ ପ୍ରଭାବିତ ହୋଇଛି। ଏଥିରେ ଜିଲାର ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬୫ ଗୋରୁ ଓ ୯,୫୩୯ କୁକୁଡ଼ା ମରିଛନ୍ତି। ସେହିପରି ୬୪୬୨ ହେକ୍ଟର ଧାନ ଫସଲ, ୨୧୬୪ ହେକ୍ଟର ପରିବା ଚାଷ ଓ ୨୯୩୧ ହେକ୍ଟର ମୁଗଚାଷ ୩୩ ପ୍ରତିଶତରୁ ଅଧିକ କ୍ଷତି ହୋଇଥିବା ସମୀକ୍ଷା ବୈଠକରେ ଆଲୋଚନା କରାଯାଇଥିଲା। ବାତ୍ୟାରେ ୧ କି.ମି. ରାଜ୍ୟ ରାଜପଥ, ୪ କି.ମି. ଜିଲା ରାସ୍ତା ଓ ୪୯.୯୦ କି.ମି. ଗ୍ରାମ୍ୟ ରାସ୍ତା ନଷ୍ଟ ହୋଇଛି। ଇତିମଧ୍ୟରେ ଜିଲାର ସମସ୍ତ ରାଜସ୍ୱ ଗ୍ରାମର ତଦନ୍ତ ସରିଛି। ଜିଲା ପ୍ରଶାସନର ଆକଳନ ଅନୁଯାୟୀ, ବାତ୍ୟାରେ ଜଣଙ୍କର ଘର ସମ୍ପୂର୍ଣ୍ଣ ଭାଙ୍ଗିଥିବା ବେଳେ ୫୧ ପକ୍କା ଘର ଓ ୩୧୮୧ କଚ୍ଚା ଘର ଆଂଶିକ ନଷ୍ଟ ହୋଇଛି। ୭୧୯ କୁଡ଼ିଆ ଏବଂ ୧୧୪୨ ଗୁହାଳ ନଷ୍ଟ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ବାତ୍ୟା ପ୍ରଭାବିତଙ୍କୁ ୩୯୫୨ ପଲିଥିନ ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି।

ବାତ୍ୟା ପୂର୍ବରୁ ୧,୧୬,୬୯୩ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ଆଶ୍ରୟସ୍ଥଳରେ ଶୁଖିଲା ଓ ରନ୍ଧାଖାଦ୍ୟ ବଣ୍ଟନ ହୋଇଥିଲା। ଜିଲାର ସମସ୍ତ ଲୋକଙ୍କ ପାଇଁ ତତ୍କାଳ ରିଲିଫ ୩ ଦିନ ପାଇଁ ଯୋଗାଇ ଦିଆଯାଇଛି। ତେବେ ବାତ୍ୟା ପ୍ରଭାବରେ ବିଦ୍ୟୁତ ଓ ପାନୀୟ ଜଳ ଯୋଗାଣରେ ବାଧା ସୃଷ୍ଟି ହୋଇଥିବା ବେଳେ ଇତିମଧ୍ୟରେ ମାର୍ଶାଘାଇ ଜୋନ୍‌ରେ ବିଦ୍ୟୁତ ଯୋଗାଣକୁ ତ୍ୱରାନ୍ୱିତ କରାଯାଇଛି। ମାତ୍ର ବିଭିନ୍ନ କାରଣରୁ କେନ୍ଦ୍ରାପଡ଼ା ଜୋନ୍ ଅଞ୍ଚଳରେ ସମୁଦାୟ ୫୭ ଫିଡରରୁ ଏ ପର୍ଯ୍ୟନ୍ତ ୧୫ ଫିଡର କାର୍ଯ୍ୟକାରୀ ହୋଇପାରିନାହିଁ। ଆସନ୍ତା ୨ ଦିନ ମଧ୍ୟରେ ପୂରା ଜିଲାରେ ବିଦ୍ୟୁତ ଯୋଗାଣ ହୋଇଯିବ ବୋଲି ନିର୍ବାହୀଯନ୍ତ୍ରୀ ଅମରଜିତ ପଟ୍ଟନାୟକ ଦର୍ଶାଇଥିଲେ। ଏଥିସହିତ ସେ କହିଛନ୍ତି, ଏହି ବିଦ୍ୟୁତ ଯୋଗାଣ ଅସ୍ଥାୟୀ ଭାବେ ଦିଆଯାଇଛି। ବାତ୍ୟା କ୍ଷତିକୁ ଭରଣା ପାଇଁ ଅଧିକ ଦୁଇମାସ ଆବଶ୍ୟକ। ପାନୀୟ ଜଳ ଯୋଗାଣ ସମୀକ୍ଷା ସମୟରେ ଜିଲାର ୨୭୭ ପ୍ରକଳ୍ପ ମଧ୍ୟରୁ ୨୩୧ ସଜଡ଼ା ଯାଇଥିବା ସୂଚନା ଦିଆଯାଇଥିଲା।

ସେହିପରି ଆସନ୍ତା ୧୦ ତାରିଖରେ ରାଶନକାର୍ଡ ଓ ଭତ୍ତା ହିତାଧିକାରୀଙ୍କୁ ରାଜ୍ୟ ସରକାରଙ୍କ ଘୋଷିତ ରିଲିଫ୍ ଯୋଗାଇ ଦିଆଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟ ଶାସନ ସଚିବ ପାଢ଼ୀ କହିଥିଲେ, ଆସନ୍ତା ୨ ଦିନ ମଧ୍ୟରେ ଜିଲାର ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ ସମସ୍ୟାର ସମାଧାନ ହେବ। ଚାଷଜନିତ କ୍ଷତିପୂରଣ ପାଇଁ ରାଜ୍ୟ ସରକାର ଏକ ପ୍ୟାକେଜ ଘୋଷଣା କରିବେ ବୋଲି ସେ ସୂଚନା ଦେଇଥିଲେ। ବୈଠକରେ ବାତ୍ୟା ପରିଚାଳନା ନୋଡାଲ ଅଧିକାରୀ ପ୍ରଦୀପ ଜେନା, ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ, ଏସ୍‌ପି ନୀତିଶେଖର, ଏଡିଏମ୍ ବସନ୍ତ କୁମାର ରାଉତଙ୍କ ସମେତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଓ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ।



ସମୀକ୍ଷା ବୈଠକରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, କେନ୍ଦ୍ରାପଡ଼ା ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ ଓ ଅନ୍ୟମାନେ।

- ■ ୬୪୬୨ ହେକ୍ଟର ଧାନ ଫସଲ, ୨୧୬୪ ହେକ୍ଟର ପରିବା ଚାଷ ଓ ୨୯୩୧ ହେକ୍ଟର ମୁଗଚାଷ ୩୩%ରୁ ଅଧିକ ନଷ୍ଟ ହୋଇଛି
- ■ ୨୭୭ ପାନୀୟ ଜଳ ପ୍ରକଳ୍ପରୁ ସଜଡ଼ା ହୋଇଛି ୨୩୧
- ■ ଚାଷଜନିତ କ୍ଷତିପୂରଣ ପାଇଁ ଘୋଷଣା ହେବ ପ୍ୟାକେଜ-ମୁଖ୍ୟ ଶାସନ ସଚିବ

## ପୌଲସ୍ତ୍ୟ ରଷିଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା



ପୌଲସ୍ତ୍ୟ ରଷିଙ୍କ ବିଗ୍ରହ।

ଆଳି, ୯।୫ (ଡି.ଏନ୍.ଏ.)

କଟକ-ଚାନ୍ଦବାଲି ରାସ୍ତାର ଆଳି ମାଳପାଟଣାସ୍ଥିତ ଭାତୁଆବଟଠାରେ ପ୍ରତିଷ୍ଠିତ ପୁରାଣ ଓ ମାଳିକା ପ୍ରସିଦ୍ଧ ପୌଲସ୍ତ୍ୟ ରଷିଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଙ୍ଗଳବାର ସକାଳୁ ଭାତୁଆବଟରେ କଳସଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଗୁରୁପୂଜା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବ ଦେଖିବା ପାଇଁ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଜିଲାପାଳଙ୍କ ମହାକାଳପଡ଼ା ଗସ୍ତ



କେନ୍ଦ୍ରାପଡ଼ା ଜିଲାପାଳଙ୍କ ମହାକାଳପଡ଼ା ଗସ୍ତ ସମୟରେ ଉପସ୍ଥିତ ପଦାଧିକାରୀମାନେ।

ମହାକାଳପଡା, ୯।୫ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲାର ନୂତନ ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ ଗୁରୁବାର ପ୍ରଥମ କରି ମହାକାଳପଡ଼ା ବ୍ଲକ ଗସ୍ତ କରିଥିଲେ। ଏହି ଅବସରରେ ସେମାନେ ବାତ୍ୟା ଫନୀ ଯୋଗୁ ହୋଇଥିବା କ୍ଷୟକ୍ଷତିର ଆକଳନ କରିବା ସହ ରିଲିଫ ସାମଗ୍ରୀ ବଣ୍ଟନ ସମ୍ପର୍କରେ ଆଲୋଚନା କରିଥିଲେ। ମହାକାଳପଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟରେ ଏହି ଅବସରରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲାପାଳ ଯୋଗଦେଇ ବିଡିଓ ତଥା ତହସିଲଦାର ରମେଶ ଚନ୍ଦ୍ର ସେଠୀ ଓ ଅନ୍ୟାନ୍ୟ ପଦସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ।

## ରାଶନକାର୍ଡ ହିତାଧିକାରୀଙ୍କୁ ବାତ୍ୟା ସହାୟତା

ଆଳି, ୯।୫ (ଡି.ଏନ୍.ଏ.)

ଆଳି ବ୍ଲକ ଅଞ୍ଚଳରେ ବାତ୍ୟା ପ୍ରଭାବିତଙ୍କୁ ରାଜ୍ୟ ସରକାରଙ୍କ ଘୋଷଣା କ୍ରମେ ୩ ଦିନ ପାଇଁ ରିଲିଫ ଯୋଗାଇ ଦିଆଯାଇଥିବା ବେଳେ ବ୍ଲକ ଅଧୀନ ସମସ୍ତ ରାଶନକାର୍ଡ ହିତାଧିକାରୀଙ୍କୁ ୫ଶହ ଟଙ୍କା ଲେଖାଏଁ ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଛି। ବ୍ଲକ ଅଧୀନ ୩୪ ପଞ୍ଚାୟତର ୩୧୨୬୨ ରାଶନକାର୍ଡ ହିତାଧିକାରୀଙ୍କୁ ଏହି ସହାୟତା ପ୍ରଦାନ କରାଯିବ। ବୁଧବାରଠାରୁ ଏହି ସହାୟତା ରାଶି ବଣ୍ଟନ ଆରମ୍ଭ ହୋଇଥିବା ଆଳି ବିଡିଓ ଜୟନ୍ତ ପୃଷ୍ଟି ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ବାଳକାଟି ପଞ୍ଚାୟତର ୧୩୯୨ ପରିବାର, ୧୧୯୪, ଦେମାଳର ୨୦୫୬, ମାଣିକପାଟଣାର ମେଣ୍ଢପୁରର ୧୭୮୪ ଓ ନିଆଳ ପଞ୍ଚାୟତର ୧୩୫୭ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଇଥିବା ଜଣାପଡିଛି।



ରାଶନକାର୍ଡ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଉଛି।

## ଆମ୍ବଓରା ଗ୍ରାମବାସୀ ବାହ୍ୟ ଜଗତରୁ ବିଚ୍ଛିନ୍ନ

ରାଜନଗର, ୯।୫(ଡିଏନଏ)




ରାଜନଗର ବ୍ଲକ ଭିତରଗଡ ପଞ୍ଚାୟତ ଆମ୍ବଓରା ଗାଁରେ ୭ଟି ପରିବାର ବାସ କରନ୍ତି। ଏହି ଗାଁର ତିନି ପାର୍ଶ୍ୱରେ ବ୍ରାହ୍ମଣୀର ଶାଖା ନଈ ଘେରି ରହିଥିବା ବେଳେ ଅନ୍ୟ ଏକ ପଟରେ ବାଦୁଡି ବଣଯୋର ରହିଛି। ଏହି ଯୋର ଉପରେ ପଞ୍ଚାୟତ ପକ୍ଷରୁ ନିର୍ମାଣ କରାଯାଇଥିବା କାଠପୋଲ ଦେଇ ୭ଟି ପରିବାରର ସଦସ୍ୟ ପଞ୍ଚାୟତ ଓ ବ୍ଲକ ହେଡକ୍ୱାର୍ଟରକୁ ଯାଇଥାନ୍ତି। ବାତ୍ୟା ଫନୀରେ ଏହି କାଠପୋଲ ଭାଙ୍ଗିଯାଇଛି। ଫଳରେ ଏହି ଗାଁରେ ରହୁଥିବା ବାଇଧର ବେହେରା, ସନାତନ ବେହେରା, ରତ୍ନାକର ସ୍ୱାଇଁ, ବସନ୍ତ ଦାସ, ବିଚିତ୍ର ସିଂ, ବିଜୁଳି ଦାସ ଓ ଅଜୟ ଦାସଙ୍କ ପରିବାର ବାହ୍ୟ ଜଗତରୁ ଏକରକମ ବିଚ୍ଛିନ୍ନ ହୋଇ ରହିଛନ୍ତି। ତୁରନ୍ତ କାଠପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ରାଜନଗର ନିର୍ବାଚନମଣ୍ଡଳୀରେ ମତଦାନ ହାର ହ୍ରାସ

ରାଜନଗର, ୯।୫ (ଡିଏନଏ)

ଗତ ୨୯ ତାରିଖରେ ରାଜନଗର ନିର୍ବାଚନମଣ୍ଡଳୀରେ ସାଧାରଣ ନିର୍ବାଚନ ଅନୁଷ୍ଠିତହୋଇଯାଇଛି। ତେବେରାଜନଗର ନିର୍ବାଚନମଣ୍ଡଳୀରେ ଗତ ନିର୍ବାଚନ ତୁଳନାରେ ଚଳିତ ନିର୍ବାଚନରେ ମତଦାନ ହାର ହ୍ରାସ ପାଇଛି। ଏହି ନିର୍ବାଚନମଣ୍ଡଳୀର ରାଜନଗର ବ୍ଲକରେ ମତଦାନ ହାର ସାମାନ୍ୟ ବୃଦ୍ଧି ପାଇଥିବା ବେଳେ ପଟ୍ଟାମୁଣ୍ଡାଇ ବ୍ଲକ ଓ ମ୍ୟୁନିସିପାଲିଟିରେ ମତଦାନ ହାର ହ୍ରାସ ପାଇଛି। ରାଜନଗର ନିର୍ବାଚନମଣ୍ଡଳୀର ୨ ଲକ୍ଷ ୪୪ହଜାର ୩୨୪ ଭୋଟରଙ୍କ ମଧ୍ୟରୁ ଚଳିତ ନିର୍ବାଚନରେ ୧ଲକ୍ଷ ୭୧ ହଜାର ୭୦୯ ଭୋଟର ମତଦାନ କରିଛନ୍ତି। ମୋଟ ଭୋଟରଙ୍କ ସଂଖ୍ୟାର ୭୦.୨୭ ପ୍ରତିଶତ ମତଦାନ ହୋଇଛି। ରାଜନଗର ନିର୍ବାଚନମଣ୍ଡଳୀ ରାଜନଗର ବ୍ଲକର ୨୯ ପଞ୍ଚାୟତ, ପଟ୍ଟାମୁଣ୍ଡାଇ ବ୍ଲକର ୧୯ ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିକୁ ନେଇ ଗଠିତ। ମୋଟ ଭୋଟରଙ୍କ ସଂଖ୍ୟା ମଧ୍ୟରୁ ରାଜନଗର ବ୍ଲକର ଭୋଟର ସଂଖ୍ୟା ୧ ଲକ୍ଷ ୨୫ ହଜାର ୬୦୨। ଚଳିତ ନିର୍ବାଚନରେ ଏଠାରେ ୯୩,୫୯୭ ଭୋଟର ଅର୍ଥାତ ୭୪.୫୧ ପ୍ରତିଶତ ଭୋଟର ମତଦାନ କରିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ବ୍ଲକର ୧୯ ପଞ୍ଚାୟତର ୮୭ ହଜାର ୬୭୬ ଭୋଟରଙ୍କ ମଧ୍ୟରୁ ୫୬ହଜାର ୭୦୪ ଅର୍ଥାତ ୬୪.୬୭ ପ୍ରତିଶତ ଭୋଟର ମତଦାନ କରିଥିବା ବେଳେ ପଟ୍ଟାମୁଣ୍ଡାଇ ମ୍ୟୁନିସିପାଲିଟିରେ ଥିବା ୩୧,୦୪୬ ଭୋଟରଙ୍କ ମଧ୍ୟରୁ ୨୧,୪୦୮ ଅର୍ଥାତ ୬୮.୯୫ ପ୍ରତିଶତ ଭୋଟର ମତଦାନ ସାବ୍ୟସ୍ତ କରିଛନ୍ତି। ୨୦୧୪ ସାଧାରଣ ନିର୍ବାଚନରେ ରାଜନଗର ନିର୍ବାଚନମଣ୍ଡଳୀର ୨,୧୫,୮୪୭ ଭୋଟରଙ୍କ ମଧ୍ୟରୁ ୧,୫୩,୨୮୩ ଭୋଟର ଅର୍ଥାତ ୭୧.୦୧ ପ୍ରତିଶତ ଭୋଟର ମତଦାନ ସାବ୍ୟସ୍ତ କରିଥିଲେ।

## ସାମାଜିକ କର୍ମୀଙ୍କ ଶ୍ରାଦ୍ଧୋତ୍ସବ

ଆଳି, ୯।୫ (ଡି.ଏନ୍.ଏ.)

ଆଳି ବ୍ଲକ ଅଧୀନ ବଡାମ୍ବିଳା ପଞ୍ଚାୟତ ନୂଆଗାଁ ଗ୍ରାମର ସାମାଜିକ କର୍ମୀ ସଂଗ୍ରାମ ଦାଶଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ଗୁରୁବାର ପୂର୍ବାହ୍ନରେ ନୂଆଗାଁଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସରପଞ୍ଚ ଭରତ ଚରଣ ସେଠୀଙ୍କ ଅଧ୍ୟକ୍ଷତାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟସଭା ସଦସ୍ୟ ପ୍ରତାପ କେଶରୀ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଚାକିରୀରୁ ଅବସର ନେବାପରେ ସଂଗ୍ରାମ ସାମାଜିକ କାର୍ଯ୍ୟରେ ଲିପ୍ତ ଥିଲେ। ନମୌଜା ଅଞ୍ଚଳରେ ନାରୀ ଶିକ୍ଷାର ବିକାଶ ପାଇଁ ପ୍ରତିଷ୍ଠା କରାଯାଇଥିବା କେଶବାନନ୍ଦ ବାଳିକା ବିଦ୍ୟାପୀଠ ପ୍ରତିଷ୍ଠା ହେବାରେ ତାଙ୍କର ମୁଖ୍ୟ ଭୂମିକା ଥିଲା ବୋଲି ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଗୋବିନ୍ଦ ନନ୍ଦ ଏବଂ ଶିକ୍ଷାବିତ୍ ଜଗତାନନ୍ଦ ବଳ, ସମାଜସେବୀ ନାରାୟଣ ଧଳ ଓ ସ୍ୱର୍ଗତ ଦାଶଙ୍କ ସହଯୋଗୀ ସତ୍ୟବାନ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଦାଶଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ଦାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ସଂଗ୍ରାମ ଭାରତୀ ଚାରିଟେବୁଲ ଟ୍ରଷ୍ଟ ଗଠନ କରାଯାଇଥିଲା। ଏହି ଟ୍ରଷ୍ଟ ପକ୍ଷରୁ ପ୍ରତିବର୍ଷ ୧୦ଜଣ ମାଟ୍ରିକ ମେଧାବୀ ଛାତ୍ରୀଛାତ୍ରଙ୍କୁ +୨ ସରିବା ପର୍ଯ୍ୟନ୍ତ ବାର୍ଷୀକ ୬ହଜାର ଟଙ୍କାର ବୃତ୍ତି ପ୍ରଦାନ କରାଯିବ ବୋଲି ସ୍ୱର୍ଗତ ଦାଶଙ୍କ କନିଷ୍ଠ ପୁତ୍ର ପ୍ରସନ୍ନ ଘୋଷଣା କରିଥିଲେ। ଶେଷରେ ସ୍ୱର୍ଗତ ଦାଶଙ୍କ ଜ୍ୟେଷ୍ଠପୁତ୍ର ପ୍ରଦ୍ୟୁମ୍ନ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ।




ସ୍ମୃତିସଭାରେ ଅତିଥିମାନେ।

## ଖଡ଼ିପାଳ ପାନୀୟ ଜଳ ପ୍ରକଳ୍ପ ୬ ବର୍ଷ ହେଲା ଅଚଳ

ପଟ୍ଟାମୁଣ୍ଡାଇ, ୯।୫ (ସ୍ୱ.ପ୍ର)

ପାଇପ ଯୋଗେ ଗ୍ରାମବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ୨୦୦୮ ମସିହାରେ ୩୨ଲକ୍ଷ ଟଙ୍କା ବ୍ୟୟରେ ପଟ୍ଟାମୁଣ୍ଡାଇ ବ୍ଲକ ବାଲିପାଟଣା ପଞ୍ଚାୟତର ଖଡିପାଳ ଗ୍ରାମରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା। ୨୦୧୩ ମସିହାରେ ଉକ୍ତ ପାନୀୟ ଜଳ ପ୍ରକଳ୍ପ ମାତ୍ର ୨ ମାସ ଚାଲିବା ପରେ ବନ୍ଦ ହୋଇ ଯାଇଥିଲା। ଏହି ପାନୀୟ ଜଳ ପ୍ରକଳ୍ପକୁ ଚଳାଇବା ପାଇଁ ଗ୍ରାମବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ ତାହା ଏବେ ବି ଅଚଳ ହୋଇ ପଡିରହିଛି। ବାତ୍ୟା ଫନୀ ପରବର୍ତ୍ତୀ ସମୟରେ ବି ଏହି ପାନୀୟ ଜଳପ୍ରକଳ୍ପ ଖଡିପାଳ ଗ୍ରାମବାସୀଙ୍କ କାମରେ ଆସିଲା ନାହିଁ।। ଗ୍ରାମବାସୀ ଟୋପାଏ ପିଇବା ପାଣି ପାଇଲେ ନାହିଁ। ପାନୀୟଜଳ ପ୍ରକଳ୍ପ ସାଙ୍ଗକୁ ଗଭୀର ନଳକୂପ ଅଚଳ ଲୋକଙ୍କ ଅବସ୍ଥାକୁ ଶୋଚନୀୟ କରି ପକାଇଛି। ଏଣେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ପାନୀୟ ଜଳ କଷ୍ଟ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଥିଲେ ମଧ ବ୍ଲକ ପାନୀୟ ଜଳ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଆଗାମୀ ଦିନରେ ଗ୍ରାମବାସୀ ପଟ୍ଟାମୁଣ୍ଡାଇ ବିଡିଓଙ୍କ ଅଫିସ ଓ କେନ୍ଦ୍ରାପଡା ଜିଲାପାଳଙ୍କ ଅଫିସ ଆଗରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଗ୍ରାମରେ ୬ ଗୋଟି ଗଭୀର ନଳକୂପ ଥିଲେ ମଧ ଭୂତଳ ଜଳସ୍ତର ହ୍ରାସ ପାଉଥିବାରୁ ଏବେ ଠିକ୍ ଭାବରେ ପାଣି ବାହାରୁନାହିଁ। ସେଥିମଧ୍ୟରୁ ୪ଟି ନଳକୂପ ଅଚଳ ହୋଇ ରହିଛି ବୋଲି ଯୋଗେନ୍ଦ୍ର ସ୍ୱାଇଁ, ଅମୁଲ୍ୟ ବିଶ୍ୱାଳ, ଗୁରୁଚରଣ ବିଶ୍ୱାଳ, ଦାମୋଦର ପରିଡା, ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ କହିଛନ୍ତି। ସେହିପରି ଖଡିପାଳ ୟୁଜିୟୁପି ସ୍କୁଲ ପରିସରରେ ଥିବା ଗଭୀର ନଳକୂପ ଅଚଳ ହୋଇ ପଡିଥିବାରୁ ପିଲାମାନେ ପାଣି ମୁନ୍ଦେ ପାଇଁ ହନ୍ତସନ୍ତ ହେଉଛନ୍ତି। ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପ୍ରଭାବିତ ହେଉଛି। ତେବେ ଖଡିପାଳ ଗ୍ରାମର ପାନୀୟ ଜଳ ପ୍ରକଳ୍ପ ଖଡିପାଳ ଗ୍ରାମବାସୀଙ୍କ ସମେତ ବାଲିପାଟଣା ଗ୍ରାମର ଆଗଡିଆ ହରିଜନ ବସ୍ତିର ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ନିର୍ମାଣ କରାଯାଇଥିଲା। ଏଥିପାଇଁ ପାଇପ୍ ଲାଇନ୍ ଓ ୧୨ଟି ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ହୋଇଥିଲା। ମାତ୍ର ୨୦୧୩ ମସିହା ଠାରୁ ଏହା ଅଚଳ ହୋଇ ପଡି ରହିଛି। ଡେଲିଭରୀ ପାଇପର ୧୨ଫୁଟ ବିଭାଗୀୟ କର୍ତ୍ତୃପକ୍ଷ ଖୋଲି ନେବା ଯୋଗୁ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇପଡି ରହିଛି। ଏ ସମ୍ପର୍କରେ ବ୍ଲକ ପାନୀୟ ଜଳ ବିଭାଗ ସହକାରୀ ଯନ୍ତ୍ରୀ ବିଶ୍ୱଜିତ ମିଶ୍ରଙ୍କୁ ପଚାରିବାରେ ୨୦୧୫ ମସିହାରେ ଏହି ପ୍ରକଳ୍ପ ବାଲିପାଟଣା ପଞ୍ଚାୟତକୁ ହସ୍ତାନ୍ତର କରାଯାଇଥିଲା। ମାତ୍ର ଏହାର ସୁପରିଚାଳନା ପାଇଁ ଗ୍ରାମରେ କମିଟି ଗଠନ ହୋଇ ନ ଥିବା ବେଳେ ବନ୍ଦ ରହିଛି ବୋଲି ସହକାରୀ ଯନ୍ତ୍ରୀ ମିଶ୍ର କହିଥିଲେ। ସେହିପରି ଡେଲିଭରୀ ପାଇପ୍ ଖୋଲା ଯାଇଥିବାରୁ ତାହା ଏବେ ଅଚଳ ହୋଇ ପଡିରହିଛି ବୋଲି କହିଥିଲେ। ବିଦ୍ୟୁତ ସଂଯୋଗ କରାଯାଇ ପ୍ରକଳ୍ପକୁ ପୁନଃ କାର୍ଯ୍ୟକ୍ଷମ କରାଯିବ ବୋଲି ସହକାରୀ ଯନ୍ତ୍ରୀ ମିଶ୍ର କହିଛନ୍ତି। ଗ୍ରାମବାସୀ ଏ ସମ୍ପର୍କରେ ଆଇଏଚଆରସି କେନ୍ଦ୍ରାପଡା ଜିଲା ମୁଖ୍ୟ ପ୍ରତାପ ପାଢୀଙ୍କୁ ଭେଟି ଜଣାଇବା ପରେ ସେ ବିଡିଓ ପବିତ୍ର ମୋହନ କାନୁନଗୋଙ୍କୁ ସାକ୍ଷାତ କରି ଅଚଳ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବା ପାଇଁ ଦାବି କରିଥିଲେ। ତେବେ ଖୁବଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ବୋଲି ବିଡିଓ କାନୁନଗୋ କହିଥିଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ପଞ୍ଚାୟତ ଅଧୀନରେ ଏହି ପାନୀୟଜଳ ପ୍ରକଳ୍ପ ଚାଲିଥିବା କୁହାଯାଉଥିବାରୁ ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଗ୍ରାମବାସୀ କହିଛନ୍ତି। ଏଥିନେଇ ହରେକୃଷ୍ଣ ସ୍ୱାଇଁ, ଗୁରୁଚରଣ ବିଶ୍ୱାଳ, ତ୍ରିଲୋଚନ ସ୍ୱାଇଁ, ସୁଶାନ୍ତ ବଳ, ପ୍ରଶାନ୍ତ ସ୍ୱାଇଁ, ଶେଷାନ ସ୍ୱାଇଁ, କ୍ଷୀରୋଦ ପରିଡା, ବେଣୁଧର ପାତ୍ର, ସୁଜିତ୍ ବଳଙ୍କ ସମେତ ଶତାଧିକ ଗ୍ରାମବାସୀ କହିଛନ୍ତି ଯେ, ବ୍ଲକ ପ୍ରଶାସନର ଅଣଦେଖା ଯୋଗୁ ୬ ବର୍ଷ ହେଲା ଆମେ ପାନୀୟ ଜଳରୁ ବଞ୍ଚିତ ହୋଇ ନାନା ସମସ୍ୟାରେ ଦିନ କାଟୁଛୁ। ପାନୀୟ ଜଳ ପ୍ରକଳ୍ପ ପୁନଃ କାର୍ଯ୍ୟକ୍ଷମ କରା ନ ଗଲେ ବିଡିଓଙ୍କ ଅଫିସ ସମ୍ମୁଖରେ ଆମେ ଧାରଣା ଦେବାକୁ ବାଧ ହେବୁ ବୋଲି କହିଛନ୍ତି।




**ଜଳ କଷ୍ଟ ଭୋଗୁଛନ୍ତି ଗ୍ରାମବାସୀ**



ଯେଉଁ ଲୋକ ସାହସୀ ନୁହେଁ, ସେ କେବେହେଲେ ବିବେକର ନିର୍ଦ୍ଦେଶମାନି କାମ କରିପାରିବ ନାହିଁ।
- ଲୁଇସ୍ ବ୍ରାଣ୍ଡିସ୍



## ସଂକ୍ଷେପରେ

### ସରକାରୀ ଜମିରେ ଦୋକାନ ଘର ନିର୍ମାଣକୁ ପ୍ରତିବାଦ
## ଥାନାର ଦ୍ୱାରସ୍ଥ ହେଲେ ମହିଳା

**କୋରେଇ,୯।୫(ସ୍ୱ.ପ୍ର.):** କୋରେଇ ବ୍ଲକ ଅନ୍ତର୍ଗତ ତଳଗଡ ପଞ୍ଚାୟତ ତଳଗଡ ଅଜଗପୁର ଗ୍ରାମର ମାଳି ମଲିକ, ଶଶି ମଲିକ ଓ ସିଲୁ ମଲିକ ସରକାରୀ ଜମିରେ ଦୋକାନ ଘର ନିର୍ମାଣ କରୁଛନ୍ତି। ଫଳରେ ଗ୍ରାମକୁ ଯାତାୟାତରେ ବାଧା ଉପୁଜିଛି। ଏହାକୁ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରତିବାଦ କରିବାରୁ ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଜଣାପଡ଼ିଛି। ଏନେଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ନ୍ୟାୟ ପାଇଁ ଗୁରୁବାର କୋରେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଜୟ ଜଗନ୍ନାଥ ଓ ଜୟ ହନୁମାନ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଭାରତୀ ମଲିକ, ଝରଣା ମଲିକ, ସବିତା ମଲିକ ଓ ସୁଲୋଚନା ମଲିକଙ୍କ ନେତୃତ୍ୱରେ କୋରେଇ ଥାନାରେ ପହଞ୍ଚି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ୧୧ରେ 'ଶ୍ରୀରାମ ସଚେତନତା' ଶୋଭାଯାତ୍ରା

**ଯାଜପୁର ଟାଉନ,୯।୫(ଡି.ଏନ.ଏ.):** ଚଳିତ ମାସ ୧୧ରେ ଯାଜପୁର ସହରରେ 'ଶ୍ରୀରାମ ସଚେତନତା' ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏ ନେଇ ଶ୍ରୀରାମ ସେବାସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ୧୧ ତାରିଖ ଶନିବାର ସକାଳ ୧୦ଟାରେ ଶ୍ରୀରାମ ସଚେତନତା ଶୋଭାଯାତ୍ରା ବରାହ ମନ୍ଦିରଠାରୁ ବାହାରି ବଲ୍ଲଭିଘାଟ ଛକ, ସାନବଜାର, ବଡ଼ବଜାର, ହାବିଳିବଜାର, ଗାନ୍ଧୀଛକ, ମେଡିକାଲ ଛକ, ଗରିଆପୁର, ଯୋଡିକୂଅ, କୁଆଁସରପୁର ଓ ବିରଜା ମନ୍ଦିର ରାସ୍ତାଦେଇ ତ୍ରିଲୋଚନେଶ୍ୱର ମନ୍ଦିରରେ ସମାପନ ହେବ। ଶୋଭାଯାତ୍ରାରେ ଯାଜପୁର ସହରର ୫-୬ ଶହ ଯୁବକ ସାମିଲ ହେବା ସହ ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ସୀତାଙ୍କ ପ୍ରତିମୂର୍ତ୍ତି ଶୋଭାଯାତ୍ରାରେ ସ୍ଥାନ ପାଇବେ ବୋଲି ଶ୍ରୀରାମ ସେବା ସଂଘ ସଭାପତି ମୃତ୍ୟୁଞ୍ଜୟ ପଟ୍ଟନାୟକ ସୂଚନା ଦେଇଛନ୍ତି। ସେବା ସଂଘ ସମ୍ପାଦକ ସୁନୀଲ କୁମାର ମହାନ୍ତି, ଲିପୁନ୍ କୁମାର ପାତ୍ର, ରଞ୍ଜନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଭିନ୍ନକ୍ଷମଙ୍କୁ ମିଳିଲା ହୁଇଲ ଚେୟାର

**ଯାଜପୁର ଅଫିସ,୯।୫:** ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଗ୍ରାମର ସେକ୍ ରଫିକଙ୍କ ସ୍ତ୍ରୀ ଫାତିମା ବିବି (୪୮)ଙ୍କୁ ଜିଲାପାଳ ରଞ୍ଜନ କୁମାର ଦାସ ଗୁରୁବାର ଏକ ହୁଇଲ ଚେୟାର ପ୍ରଦାନ କରିଛନ୍ତି। ଏହି ଅବସରରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଲକ୍ଷ୍ମୀଧର ସାହୁ, ଜିଲା ରେଡକ୍ରସ ସଂଘର ସମ୍ପାଦକ ତଥା ସହକାରୀ ଜିଲାପାଳ କୁଳମଣି ନାୟକ, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ପ୍ରବୋଧ ନାୟକ, ଭିନ୍ନକ୍ଷମ ସଂଘ ସଭାପତି ମଣ୍ଟୁ ଦାସ, ଯାଜପୁର ବ୍ଲକର ପିଏ ଅମର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅସ୍ଥି ମଜ୍ଜାଗତ କ୍ୟାନସରରେ ପୀଡିତ ହେବା ଯୋଗୁ ଫାତିମାଙ୍କ ଆଣ୍ଠୁ ତଳକୁ ବାମ ଗୋଡଟି କଟା ଯାଇଥିଲା। ଚାଲିବାରେ ଘୋର ସମସ୍ୟା ଯୋଗୁ ତାଙ୍କୁ ଏହି ହୁଇଲ ଚେୟାର ମିଳିଥିବାରୁ ସେ ବହୁତ ଖୁସି ଥିବା କହିଥିଲେ।

## ଜଳଛତ୍ର କେନ୍ଦ୍ର ଖୋଲିବାକୁ ଦାବି

**ରତ୍ନଗିରି,୯।୫(ଡି.ଏନ.ଏ.):** ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବାବେଳେ ପ୍ରଶାସନ ତରଫରୁ ବରୀ ବ୍ଲକର କୌଣସି ପଞ୍ଚାୟତରେ ଏଯାବତ୍ ଜଳଛତ୍ର କେନ୍ଦ୍ର ଖୋଲାଯାଇ ନ ଥିବା ଜଣାପଡ଼ିଛି। ଫଳରେ ଯାତ୍ରୀମାନେ ପାନୀୟ ଜଳ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବରୀ ଅଞ୍ଚଳର ମୁଖ୍ୟ ପେଣ୍ଠସ୍ଥଳ ବରୀ ମାଉଣ୍ଡ, କଳାମାଟିଆ ପଞ୍ଚାୟତ ଅଧୀନ ଷ୍ଟେଟବ୍ୟାଙ୍କ ଶାଖା ଛକ, ବ୍ଲକ କାର୍ଯ୍ୟାଳୟ ନିକଟ ରାମଚନ୍ଦ୍ରପୁର, ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅଳିପୁର ଛକ, ବୌଦ୍ଧପୀଠ ନିକଟ ରତ୍ନଗିରି ଛକରେ ପ୍ରଶାସନ ତରଫରୁ ଜଳଛତ୍ର କେନ୍ଦ୍ର ଖୋଲିବାକୁ ଯୁବ ସାମାଜିକ କର୍ମୀ ଦର୍ଶନ ବେହେରା, ସତ୍ୟରଞ୍ଜନ କର, ସ୍ନେହାଂଶୁ ମହାନ୍ତି, ଅମ୍ରେଶ ପରିଡା, ସତ୍ୟଜିତ ବାରିକ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ବରୀ ବିଡିଓ ପ୍ରଭାସ କୁମାର ବେହୁରାଙ୍କୁ ପଚାରିବାରୁ, ଖୁବ୍‌ଶୀଘ୍ର ଜଳଛତ୍ର କେନ୍ଦ୍ର ଖୋଲିବା ନେଇ ଜିଲାପାଳଙ୍କ ସହ ଆଲୋଚନ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

### ଯାଜପୁର ଆର୍‌ଡି ବିଭାଗରେ ଡିଏମ୍‌ଏଫ୍ ପାଣ୍ଠି
# ଖର୍ଚ୍ଚ ତୁଳନାରେ କାର୍ଯ୍ୟ ଅଗ୍ରଗତି ନୈରାଶ୍ୟଜନକ

**ଯାଜପୁର ଅଫିସ,୯।୫**

- ଗମନାଗମନ କ୍ଷେତ୍ରରେ ପଛେଇ ଯାଇଛି ଖଣି ଅଞ୍ଚଳ
- ୩ ରାସ୍ତା ନିର୍ମାଣ ପାଇଁ ମଞ୍ଜୁର ହୋଇଛି ୫୮୫.୬୩ ଲକ୍ଷ ଟଙ୍କା

ଯାଜପୁର ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମଏଫ) ପାଣ୍ଠି ବିନିଯୋଗ ମନ୍ଥର ଗତିରେ ଚାଲିଛି। ବିଶେଷକରି ଆରଡି ବିଭାଗ ଦ୍ୱାରା ଗ୍ରାମାଞ୍ଚଳ ରାସ୍ତା ନିର୍ମାଣରେ ଆବଣ୍ଟିତ ଡିଏମ୍‌ଏଫ୍ ପାଣ୍ଠି ଖର୍ଚ୍ଚ ତୁଳନାରେ ଅଗ୍ରଗତି ନୈରାଶ୍ୟଜନକ ହୋଇଛି। ଗତ ଜାନୁୟାରୀ ଶେଷସୁଦ୍ଧା ୩ଟି ରାସ୍ତା ନିର୍ମାଣ ପାଇଁ ୫୮୫.୬୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେଥିରୁ ୩୦୦.୩୪ ଲକ୍ଷ ଟଙ୍କା ସମ୍ପୃକ୍ତ ଠିକାଦାରଙ୍କୁ ପ୍ରଦାନ କରାଯାଇଥିଲେ ହେଁ କାର୍ଯ୍ୟର ମାନ ଓ ଅଗ୍ରଗତି ସନ୍ତୋଷଜନକ ନ ହେବାରୁ ଆରଡି ବିଭାଗ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡିଛି। ଯଦ୍ଦ୍ୱାରା ଖଣି ଅଞ୍ଚଳର ଗମନାଗମନ କ୍ଷେତ୍ର ବହୁ ପଛରେ ରହିଛି।
ସୁକିନ୍ଦା କ୍ରୋମ୍‌ଜୋନ୍‌ରେ ଖଣି ଲିଜ ପାଇଥିବା ଖଣି ମାଲିକମାନେ ସେମାନଙ୍କ ଲାଭର ୫ ପ୍ରତିଶତ ଅଂଶରୁ ଡିଏମ୍‌ଏଫ୍ ପାଣ୍ଠି କାର୍ଯ୍ୟକାରୀ ହୋଇଛି। ଗତ ୩ ଆର୍ଥିକ ବର୍ଷରେ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଉଦ୍ୟମରେ ଏହି ପାଣ୍ଠି ୬୫୮.୮୩ କୋଟି ଟଙ୍କାକୁ ବୃଦ୍ଧି ଘଟିଛି। ମାତ୍ର ବିଡମ୍ବନା ଯେ, ଏଯାଏ ପ୍ରାୟ ୩୦ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇପାରିଛି। ଗମନାଗମନ ପାଇଁ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଡିଏମ୍‌ଏଫ ପାଣ୍ଠିରୁ ଅନୁଦାନ ମଞ୍ଜୁର ହୋଇଛି। ଏଥିରେ ୧୮ଟି ପ୍ରକଳ୍ପ ହାତକୁ ନିଆଯାଇଛି। ପୂର୍ବରୁ ୧୪.୧୨ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଥିବାବେଳେ ୨୦୧୮-୧୯ ଆର୍ଥିକ ବର୍ଷରେ ୪.୭୭କୋଟି ଟଙ୍କା ବିନିଯୋଗପତ୍ର ଦାଖଲ ହୋଇଛି। ଫଳରେ ଆବଣ୍ଟିତ ୨୭.୯୮ କୋଟିରୁ ଏପର୍ଯ୍ୟନ୍ତ ୯.୮ କୋଟି ଟଙ୍କା ଖର୍ଚ୍ଚ ନ ହୋଇ ପଡିରହିଛି। ଏଥିରେ ସୁକିନ୍ଦା ଡାକ୍ତରଖାନାର ପୁନରୁଦ୍ଧାର, ଡୁବୁରୀରେ ନିଉ ପିଏଚ୍‌ସି ବିଲ୍ଡିଂ, ଗୋବର୍ଦ୍ଧନପୁର ପିଏଚ୍‌ସି ଗୃହ, ମଙ୍ଗଳପୁର-ଆମ୍ପଲୋବା ରାସ୍ତା, ସୁକିନ୍ଦାରେ ମାଟରନିଟି ୱେଟିଂ ସେଣ୍ଟର, ଅଶୋକଝରଠାରୁ ନଗଡାକୁ



ରାସ୍ତା, ଦେଓଗାଁ ଓ ଚିଙ୍ଗୁଡିପାଳରେ ଏକ ସବସେଣ୍ଟର ନିର୍ମାଣ, ଟିସ୍କୋ ଗେଟ ଦେଓଗାଁ, ମାଙ୍କଡିଆ କଲୋନୀ, ଦାମୋଦର ମଠ ଛକରୁ ନାଟିସାହି ରାସ୍ତା, ପିଡବ୍ଲ୍ୟୁଡି-ପାଟଣା ଆଦି ୧୮ ପ୍ରକଳ୍ପର ସମ୍ପୂର୍ଣ୍ଣ ବିନିଯୋଗ ପତ୍ର ଦାଖଲ ହୋଇପାରି ନାହିଁ। ଗତ ଜାନୁୟାରୀରେ ପୁଣି ୩ଟି ରାସ୍ତା ପ୍ରକଳ୍ପ ପାଇଁ ୨୭୩.୧୧ ଲକ୍ଷ ଟଙ୍କା ରିଲିଜ କରିବାକୁ ଆର୍‌ଡି ବିଭାଗୀୟ ଅଧିକାରୀ ଡିଏମ୍‌ଏଫ୍ ନୋଡାଲ ଅଧିକାରୀଙ୍କୁ ପତ୍ର ଲେଖିଛନ୍ତି। ଏଥିରେ ପାଟଣାରୁ ଚିଙ୍ଗୁଡିପାଳ ରାସ୍ତା ପାଇଁ ୬୭.୯୪ ଲକ୍ଷ ଟଙ୍କା ଦର୍ଶାଯାଇଛି। ଏହି ପ୍ରକଳ୍ପ ପାଇଁ ୧୪୫.୭୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ୭୩.୫୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଛି। ହେଲେ ଉକ୍ତ ଚିଙ୍ଗୁଡିପାଳ ରାସ୍ତାର ଅଗ୍ରଗତିକୁ ଦେଖିଲେ ଖର୍ଚ୍ଚ ପରିମାଣ ଅନୁସାରେ ଅଗ୍ରଗତି ହୋଇ ନ ଥିବା ଜଳଜଳ ହୋଇ ଦିଶୁଛି। ସେହିପରି ଦାମୋଦରପୁର ମଠଛକରୁ ନାଟିସାହି ରାସ୍ତା ନିର୍ମାଣ ପାଇଁ ୧୧୫.୦୮ ଲକ୍ଷ ଟଙ୍କା ରିଲିଜ କରିବାକୁ ଅନୁରୋଧ କରାଯାଇଛି। ଏହି ପ୍ରକଳ୍ପ ପାଇଁ ୨୪୬.୬୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ୧୪୫.୪୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଅନ୍ୟପକ୍ଷେ ପିଡବ୍ଲ୍ୟୁଡି ରାସ୍ତାରୁ ପାଟଣା ଆରଡି ରାସ୍ତା ପର୍ଯ୍ୟନ୍ତ ନିର୍ମାଣ ପାଇଁ ୧୯୩.୨୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏଥିରେ ୯୧.୨୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଖର୍ଚ୍ଚ ଅନୁସାରେ ରାସ୍ତା କାର୍ଯ୍ୟ ହୋଇ ନ ଥିଲେ ହେଁ ଆଉ ପୁଣି ୯୦.୦୯ ଲକ୍ଷ ଟଙ୍କା ରିଲିଜ କରିବାକୁ ବିଭାଗୀୟ ଅନୁରୋଧ ହୋଇଛି। କେବଳ ନିୟୋଜିତ ଠିକାଦାରଙ୍କୁ ସନ୍ତୁଷ୍ଟ କରିବାକୁ ବିଭାଗ ପକ୍ଷରୁ ଏଭଳି କୋଟି କୋଟି ଟଙ୍କା ପ୍ରଦାନ କରାଯାଉଥିଲେ ହେଁ ରାସ୍ତା କାର୍ଯ୍ୟର ଅଗ୍ରଗତି ସନ୍ତୋଷଜନକ ହୋଇପାରି ନାହିଁ। ଫଳସ୍ୱରୂପ ୨ ସପ୍ତାହ ତଳେ ପାଟଣାରୁ ଚିଙ୍ଗୁଡିପାଳ ରାସ୍ତା ନିମ୍ନମାନର ହୋଇଥିବା ଗ୍ରାମବାସୀ ବିରୋଧ କରିବା ସହ ବିଭାଗୀୟ ଅଧିକାରୀଙ୍କୁ ଘେରାଉ କରିଥିଲେ। ଏଭଳି ଭାବେ ଖଣିଜ ପାଣ୍ଠି ଠିକ ଭାବେ ବିନିଯୋଗ ହୋଇପାରୁ ନ ଥିବାରୁ ଖଣି ଅଞ୍ଚଳବାସୀଙ୍କ ଗମନାଗମନ ସୁଧୁରି ପାରୁନାହିଁ। ଏ ସଂକ୍ରାନ୍ତରେ ଡିଏମ୍‌ଏଫ୍ ନୋଡାଲ ଅଫିସର ମନୋଜ କୁମାର ବେହେରାଙ୍କୁ ପଚାରିବାରୁ, ରାସ୍ତା କାର୍ଯ୍ୟରେ ଅଗ୍ରଗତି ସନ୍ତୋଷଜନକ ହୋଇ ନଥିବା ଭଳି ଅଭିଯୋଗ ଆସିନାହିଁ। ସମ୍ପୃକ୍ତ ଗ୍ରାମବାସୀଙ୍କ ପକ୍ଷରୁ ଯଦି ଏଭଳି ଅଭିଯୋଗ ହୁଏ ତେବେ ନିଶ୍ଚିତ ଭାବେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଇଲେକ୍ଟ୍ରୋନିକ୍ସ ମରାମତି ଦୋକାନରୁ ଚୋରି

**କୋରେଇ,୯।୫(ସ୍ୱ.ପ୍ର.)**

ପାଣିକୋଇଲି ନମିଚିକିରୀ ରାସ୍ତାର ଶନି ମନ୍ଦିର ନିକଟରେ ଥିବା ଏକ ଇଲେକ୍ଟ୍ରୋନିକ୍ସ ମରାମତି ଦୋକାନରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। କେହି ଦୁର୍ବୃତ୍ତ ସ୍କାଏ ଲାଇଟ ଭାଙ୍ଗି ମରାମତି ପାଇଁ ଥିବା ବିଭିନ୍ନ ଉପକରଣ ସହ ବିକ୍ରି ଉଦ୍ଦେଶ୍ୟରେ ରଖାଯାଇଥିବା ସାମଗ୍ରୀକୁ ଚୋରି କରିନେଇଥିବା ଅଭିଯୋଗ ହୋଇଛି। ପାଣିକୋଇଲି ଗ୍ରାମର ହିମାଂଶୁ ପଣ୍ଡା ଇଲେକ୍ଟ୍ରୋନିକ୍ସ ମରାମତି ଦୋକାନ କରିଛନ୍ତି। ଏଥିସହ ବିଭିନ୍ନ ଗୃହ ଉପକରଣ ସାମଗ୍ରୀ ମଧ୍ୟ ବିକ୍ରି କରନ୍ତି। ସବୁଦିନ ପରି ଗୁରୁବାର ସକାଳ ୯ଟାରେ ଦୋକାନ ଖୋଲି ଦେଖିବା ବେଳକୁ ଦୋକାନର ସମସ୍ତ ଜିନିଷ ଏଣେତେଣେ ପଡ଼ିବା ସହ ୩ ଗ୍ରାଇଣ୍ଡର, ୪ ପ୍ରେସର କୁକର, ୮ ଆଇରନ୍, ୩ ହଟକେଶ ସମେତ ରିପ୍ୟାରିଂ ଉଦ୍ଦେଶ୍ୟରେ ଥିବା ୮ ସ୍ମାର୍ଟ ଫୋନ, ୫ ଇଣ୍ଡକ୍ସନ କୁକର ଚୋରି ହୋଇଯାଇଛି। ଏତଦ୍‌ବ୍ୟତୀତ କ୍ୟାଶ ବାକ୍ସରେ ଥିବା ୮୦୦ ଟଙ୍କା ମଧ୍ୟ ଚୋରି ହୋଇଯାଇଛି। ଏ ନେଇ ହିମାଂଶୁ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନା ପକ୍ଷରୁ ଏକ ମାମଲା (ନଂ. ୮୫ /୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଏପର୍ଯ୍ୟନ୍ତ ଦୁର୍ବୃତ୍ତଙ୍କ ପତ୍ତା ମିଳିପାରିନାହିଁ।

## ରିଲିଫ୍ ଚାଉଳ, ପଲିଥିନ ହେରଫେରକୁ ନେଇ ଅସନ୍ତୋଷ

**ବରୀ,୯।୫(ସ୍ୱ.ପ୍ର.)**

ସାମୁଦ୍ରିକ ବାତ୍ୟା 'ଫନୀ'ରେ ପ୍ରଭାବିତ ଲୋକଙ୍କୁ ମାଗଣାରେ ଖାଦ୍ୟ ଯୋଗାଇଦେବା ପାଇଁ ବିଭିନ୍ନ ସ୍ଥାନରେ ରନ୍ଧାଖାଦ୍ୟ ସେଣ୍ଟର ଖୋଲାଯାଇଥିଲା। ଏଥିରେ ବ୍ୟାପକ ହେରଫେର ହୋଇଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିବା ମଧ୍ୟ ଜଣାପଡ଼ିଛି। କେତେକ ସ୍ଥାନରେ କାଗଜକଲମରେ ରନ୍ଧାଖାଦ୍ୟ ସେଣ୍ଟର ଖୋଲାଯାଇ ଅର୍ଥ ହଡ଼ପ କରିନିଆଯାଇଥିବା ଜଣାପଡ଼ିଛି। ସେହିପରି ପଲିଥିନ୍ ଓ ଚାଉଳ ବଣ୍ଟନରେ ବାଟମାରଣା ନେଇ ସାଧାରଣରେ ଅଭିଯୋଗ ହୋଇଛି। ବିପନ୍ନଙ୍କ ପାଖରେ ଅଦ୍ୟାବିଧି ରିଲିଫ୍ ସାମଗ୍ରୀ ପହଞ୍ଚିପାରିନାହିଁ। ଏହି ରିଲିଫ ବଣ୍ଟନରେ କେତେଜଣ ବ୍ୟକ୍ତି ଓ ବ୍ୟବସାୟୀ କୋଟି କୋଟି ଟଙ୍କା ଚଳୁ କରିନେଇଥିବା ଅଭିଯୋଗରୁ ଜଣାପଡ଼ିଛି। ଜିଲାରେ ୪ ଲକ୍ଷ ଅତିରିକ୍ତ ରିଲିଫ୍ ହିତାଧିକାରୀଙ୍କ ନାମରେ ଚାଉଳ ହଡ଼ପ କରିବା ସହ ୧ ଲକ୍ଷ ପଲିଥିନ୍‌ରୁ ଅର୍ଦ୍ଧାଧିକ ବେପାରୀଙ୍କ ହାତରେ ଲାଗିଥିବା ସୂଚନା ମିଳିଛି। ଏସବୁ ଉପରେ ତୁରନ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି। ବରୀରେ ୫୦ରୁ ଊର୍ଦ୍ଧ୍ୱ ରନ୍ଧାଖାଦ୍ୟ କେନ୍ଦ୍ର ଖୋଲାଯାଇ ଅର୍ଥ ହଡ଼ପ କରିନେବା ପାଇଁ ମସୁଧା ଚାଲିଥିବା ଶୁଣିବାକୁ ମିଳିଛି। ବରୀ ତହସିଲରେ ପଲିଥିନ୍ ଗଚ୍ଛିତ ଥିଲାବେଳେ ବିପନ୍ନଙ୍କୁ ବଣ୍ଟନ କରାଯାଉନାହିଁ। ୩ ଦିନ ପାଇଁ ରିଲିଫ୍ ଘୋଷଣା କରାଯାଇଥିବାବେଳେ ବରୀରେ ଏହା କାର୍ଯ୍ୟକାରୀ ହୋଇନାହିଁ। ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଯାଇଛି।

## ବିଦ୍ୟୁତ୍ ସଂଯୋଗକୁ ନେଇ ଆଶଙ୍କାରେ ଲୋକେ

**ଧର୍ମଶାଳା,୯।୫(ଡି.ଏନ୍.ଏ.)**

ସାମୁଦ୍ରିକ ଝଡ ଫନୀ ପ୍ରଭାବରେ ଧର୍ମଶାଳା ବ୍ଲକ ଅରାବଳ ପଞ୍ଚାୟତରେ ଗଛ ଉପୁଡି ପଡିଥିବାବେଳେ ବହୁ ଚାଳଘର ଭାଙ୍ଗି ପଡିଛି। ସେହିପରି ବିଦ୍ୟୁତ୍ ଖୁଣ୍ଟଗୁଡିକ ଭାଙ୍ଗିପଡିଥିବାରୁ ଏଯାବତ୍ ବିଦ୍ୟୁତ୍ ସେବା ବାଧାପ୍ରାପ୍ତ ହୋଇଛି। ଗ୍ରାମରେ ଅଦ୍ୟାବଧି ବିଦ୍ୟୁତ୍ କର୍ମଚାରୀ ପହଞ୍ଚି ନ ଥିବାରୁ ବିଦ୍ୟୁତ୍ ସଂଯୋଗ ହେବାକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ଗ୍ରାମର ପ୍ରମୁଖ ଚାଷୀ ଅଞ୍ଜନ ପାଳଙ୍କ ଆଜ୍‌ବେଷ୍ଟସ୍ ଘର ଛାତ ଉଡିଯାଇଥିବା ବେଳେ ଘରର ଆସବାବପତ୍ର ସମେତ ଘରେଥିବା ଚିନାବାଦାମ ନଷ୍ଟ ହୋଇଯାଇଛି। ଅପରପକ୍ଷେ ବିପନ୍ନଙ୍କ ପାଇଁ ରିଲିଫ୍ ସାମଗ୍ରୀ ପହଞ୍ଚି ନ ଥିବା ସରପଞ୍ଚ ନିର୍ମଳ ସାମଲ ଅଭିଯୋଗ କରିଛନ୍ତି। ଗଙ୍ଗାଧରପୁର ପଞ୍ଚାୟତ ଇମାମ୍‌ନଗର ଗ୍ରାମର ଅଲେଖ ଚନ୍ଦ୍ର ପାଳଙ୍କର ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କୁ ପଲିଥିନ୍ ଖଣ୍ଡିଏ ମିଳି ପାରି ନାହିଁ। ଏ ନେଇ ସେ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି।

## ବାତ୍ୟାରେ ଉଜୁଡ଼ିଲା ଆଖୁ, ଡାଲୁଅ ଚାଷ



ବାତ୍ୟାରେ ପ୍ରଭାବିତ ହୋଇଥିବା ଡାଲୁଅ ଚାଷ।

**ରତ୍ନଗିରି,୯।୫(ଡି.ଏନ.ଏ.)**

ବାତ୍ୟା 'ଫନୀ' ପ୍ରଭାବରେ ବରୀ ବ୍ଲକ ବୋଦୁଅ ପଞ୍ଚାୟତ କନ୍ତିଆ ଗ୍ରାମରେ ୩୫ରୁ ଊର୍ଦ୍ଧ୍ୱ ଏକର ଜମିରେ ଆଖୁ ଓ ଡାଲୁଅ ଚାଷ କ୍ଷତିଗ୍ରସ୍ତ ହୋଇଛି। ଅକ୍ଷୟ ପ୍ରଧାନ, ଶରତ ପ୍ରଧାନ, ବୃନ୍ଦାବନ ପ୍ରଧାନ, ଉମେଶ ପ୍ରଧାନ, ବିଜୟ ପ୍ରଧାନ, ନରେଶ ପ୍ରଧାନ, ବାବୁଲି ସାହୁ, ସୁରେନ୍ଦ୍ର ମଲିକ ପ୍ରମୁଖ ୧୨ ଏକରରୁ ଊର୍ଦ୍ଧ୍ୱ ଜମିରେ ଆଖୁ ଚାଷ କରିଥିଲେ। ସେହିପରି ଡାଲୁଅ ଚାଷୀ ମଧ୍ୟ ଯଥେଷ୍ଟ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ଧାନ ପାଚିବା ସମୟରେ ହଠାତ୍ ବାତ୍ୟା ଆସିବା ଯୋଗୁ ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ବିଶେଷକରି ଏହି ଅଞ୍ଚଳର ଲୋକ ଚାଷ ଉପରେ ନିର୍ଭର କରନ୍ତି। ବାତ୍ୟା ସେମାନଙ୍କ ଜୀବିକା ଉପରେ ପ୍ରଭାବ ପକାଇବା ସହ ଆଗାମୀ ଦିନରେ ନିଜର ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡିବ। ଡାଲୁଅ ଚାଷ କରିଥିବା ଅକ୍ଷୟ ନାୟକ, ଅଦିଆ ନାୟକ, ଅନୁକୂଳ ନାୟକ, ଦୁଃଖୀଶ୍ୟାମ ସାହୁ, ରବୀନ୍ଦ୍ର ଜେନା ପ୍ରମୁଖ ଚାଷୀ ଧାନ ନଷ୍ଟ ଯୋଗୁ ମାନସିକ ସ୍ତରରେ ଭାଙ୍ଗିପଡିଛନ୍ତି।

## ବାତ୍ୟାରେ ୧୪,୯୯୨ ଗୃହପାଳିତ ପ୍ରାଣୀ ମୃତ

**ଚଣ୍ଡିଖୋଲ,୯।୫(ଡି.ଏନ.ଏ.)**

ବାତ୍ୟା 'ଫନୀ' ଯୋଗୁ ବଡ଼ଚଣା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲାବେଳେ ୧୪,୯୯୨ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହୋଇଛି। ସେଥିମଧ୍ୟରୁ ୧୪,୯୮୬ କୁକୁଡ଼ା, ୪ ଗାଈ ଓ ୨ ଛେଳିଙ୍କର ମୃତ୍ୟୁ ଘଟିଥିବା ପ୍ରାଣୀ ଚିକିତ୍ସା ବିଭାଗ ସୂଚନା ଦେଇଛି। ବିଭାଗ ପକ୍ଷରୁ ଆକଳନ କରାଯାଇଥିବା ୧୧ ହଜାର ଗୋରୁ ଓ ଛେଳି, ମେଣ୍ଢା ଓ ୩୦ ହଜାର କୁକୁଡ଼ା ପ୍ରଭାବିତ ହୋଇଛନ୍ତି ବୋଲି ବଡ଼ଚଣା ପ୍ରାଣୀ ଚିକିତ୍ସା ବିଭାଗ ଡାକ୍ତର ସରୋଜ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଅମୀୟଝରି ଗ୍ରାମର ଉଦୟବନ୍ଧୁ ବିଶ୍ୱାଳ ଓ ଚକ୍ରବନ୍ଧୁ ବିଶ୍ୱାଳଙ୍କର ୨ ଗାଈ ମରିଥିବବେଳେ ବରୁଣିଆ ଗ୍ରାମର ବ୍ରହ୍ମାନନ୍ଦ ସେଠୀ ଓ ଡଗରପଡ଼ା ଗ୍ରାମର ଅଜୟ କୁମାର ସେଠୀଙ୍କର ୨ ଗାଈଙ୍କର ମୃତ୍ୟୁ ଘଟିଛି। ବଡ଼ଚଣାର ବନ୍ୟା ପ୍ରଭାବିତ ସମସ୍ତ ଅଞ୍ଚଳକୁ ସରକାର ୪୨ ମେଟ୍ରିକ ଟନ୍ ଗୋଖାଦ୍ୟ ପଠାଇଛନ୍ତି। ଏଥିମଧ୍ୟରୁ ବଡ଼ଚଣାସ୍ଥିତ ମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧୀନରେ ଥିବା ଅଞ୍ଚଳକୁ ୩୧୦ ବସ୍ତା, ଛତିଆ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ୨୫୮ ବସ୍ତା ଓ ଗୋପାଳପୁର ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧୀନ ଅଞ୍ଚଳକୁ ୨୭୨ ବସ୍ତା ଗୋଖାଦ୍ୟ ପ୍ରଦାନ କରାଯାଇଛି। ଅପରପକ୍ଷରେ ପ୍ରାଣୀ ବିଭାଗ ପକ୍ଷରୁ ବାତ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳରେ ମାଗଣା ଗୋ ଚିକିତ୍ସା ଶିବିର ଅନୁଷ୍ଠିତ କରାଯାଇ ଗୃହପାଳିତ ପ୍ରାଣୀଙ୍କ ପରୀକ୍ଷା ନିରୀକ୍ଷା କରାଯିବା ସହ ମାଗଣା ଔଷଧ ବଣ୍ଟନ କରାଯାଉଛି ବୋଲି ପ୍ରକାଶ କରିଛନ୍ତି।

## ବାତ୍ୟାରେ ନୀଳିମା ଆଶ୍ରମ ଛାରଖାର

**ସିଂହପୁର,୯।୫(ଡି.ଏନ୍.ଏ.)**

ବାତ୍ୟା ପ୍ରଭାବରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତସ୍ଥିତ ନୀଳିମା ଆଶ୍ରମ ଛାରଖାର ହୋଇଯାଇଛି। ଆଶ୍ରମ ପରିସରରେ ଥିବା ବହୁ ଔଷଧୀୟ ବୃକ୍ଷ, ବିଭିନ୍ନ ପ୍ରକାର ମୂଲ୍ୟବାନ ଗଛ, ଗୋଶାଳା ଭାଙ୍ଗି ବ୍ୟାପକ କ୍ଷତି ହୋଇଛି। ଆଶ୍ରମର ସେବାଧ୍ୟକ୍ଷ ଶ୍ରୀଶ୍ରୀ ରାଜୀବ ନାରାୟଣ ଦେବ ବିଭିନ୍ନ କ୍ଷୟକ୍ଷତି ସମ୍ପର୍କରେ ସୂଚନା ଦେଇଛନ୍ତି। ଆଶ୍ରମର ଏହି କ୍ଷୟକ୍ଷତି ଅପୂରଣୀୟ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

## ବାତ୍ୟା ବିପନ୍ନଙ୍କ ପାଇଁ ବିଧାୟକ ଆକାଶ ଦେଲେ ୧ଲକ୍ଷ ଟଙ୍କା



ଆକାଶ ଦାସ ନାୟକ ସହାୟତା ରାଶିର ଚେକ୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରୁଛନ୍ତି।

**ଯାଜପୁର ଅଫିସ,୯।୫**

ଯାଜପୁର ଜିଲା କୋରେଇ ବିଧାୟକ ଆକାଶ ଦାସନାୟକ ବାତ୍ୟା ଫନୀ ଦୁର୍ଗତଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୧ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଛନ୍ତି। ଗୁରୁବାର ବିଧାୟକ ଆକାଶ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ଚେକ ପ୍ରଦାନ କରିଥିବା ଜଣାପଡିଛି। ଏଥିପାଇଁ କୋରେଇବାସୀ ତାଙ୍କୁ ଶୁଭେଚ୍ଛା ସହ ଧନ୍ୟବାଦ ଜଣାଇଛନ୍ତି।

### ଫନୀ ପରେ ବୃଦ୍ଧି ପାଇବାରେ ଲାଗିଛି ତାପମାତ୍ରା
# ୪୦ ଛୁଇଁଲା, ଆହୁରି ବଢ଼ିବ

**ଯାଜପୁର ଅଫିସ,୯।୫**

**ଯାଜପୁର ଜିଲା**
- ହନ୍ତସନ୍ତ କରୁଛି ଝାଞ୍ଜି ପବନ, ଗୁଳୁଗୁଳି
- ଦିନ ୧୨ଟାରୁ ଜନଶୂନ୍ୟ ହୋଇପଡୁଛି ରାସ୍ତା
- ଆଜି ତାପମାତ୍ରା ୪୧ ଡିଗ୍ରୀ ଛୁଇଁବା ସମ୍ଭାବନା

ଯାଜପୁର ଜିଲାରେ ଅଗ୍ନିବର୍ଷା ହେଉଥିବା ଦେଖିବାକୁ ମିଳିଛି। ସକାଳ ୯ଟାରୁ ପଦାକୁ ବାହାରିବା ଲୋକଙ୍କ ପକ୍ଷେ ସମ୍ଭବ ହେଉନାହିଁ। ବିଶେଷ କରି ବାତ୍ୟା ଫନି ପରେ ଜିଲାରେ ଅସହ୍ୟ ଗରମ, ଝାଞ୍ଜି ପବନ ସହ ଗୁଳୁଗୁଳି ଲୋକଙ୍କୁ ହନ୍ତସନ୍ତ କରୁଛି। ଜିଲାରେ ଗୁରୁବାର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସକୁ ଛୁଇଁଛି। ଶୁକ୍ରବାର ତାପମାତ୍ରା ୪୧ ଡିଗ୍ରୀ ସେଲସିୟସକୁ ପହଞ୍ଚିବ ବୋଲି ରାଜ୍ୟ ପାଣିପାଗ ବିଭାଗର ଆକ୍ୟୁ ୱେଦର ରିପୋର୍ଟରେ କୁହାଯାଇଛି। ଆଜିର ଦିନରେ ଗତବର୍ଷ ଜିଲାର ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିଲା। ଜିଲାର ଶିଳ୍ପାଞ୍ଚଳ କଳିଙ୍ଗନଗର, ଯାଜପୁରରୋଡ ଓ ଆଖପାଖ ଅଞ୍ଚଳରେ ପ୍ରାୟ ସମାନ ତାପମାତ୍ରା ଅନୁଭୂତ ହୋଇଛି। ତାତି ଓ ପ୍ରଦୂଷଣ ପ୍ରଭାବରେ ଅସହ୍ୟ ଗରମ, ଝାଞ୍ଜିପବନ ସହ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହୋଇପଡିଛନ୍ତି। ଜିଲାର କେତେକ ସ୍ଥାନରେ ଶିଳ୍ପ କମ୍ପାନୀ କିମ୍ବା ପ୍ରଶାସନ ପକ୍ଷରୁ ଏଯାଏ ଜଳଛତ୍ର ଖୋଲାଯାଇ ନ ଥିବାବେଳେ ଆଉ କେତେକ ସ୍ଥାନରେ ଖୋଲାଯାଇଥିବା ଜଳଛତ୍ର ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଦେଖିବାକୁ ମିଳିଛି।
ଗତବର୍ଷ ଏପ୍ରିଲ ୧୬, ୧୭ରେ ଜିଲାର ସର୍ବୋଚ୍ଚ ତାପମାତ୍ରା ୪୧ ଡିଗ୍ରୀ ସେଲସିୟସ ଥିବାବେଳେ ଚଳିତବର୍ଷ ଏପ୍ରିଲ ୧୦ ପର୍ଯ୍ୟନ୍ତ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସକୁ ପହଞ୍ଚି ନ ଥିଲା। ତେବେ ଏପ୍ରିଲ ୧୬ରେ ଚଳିତ ବର୍ଷର ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ଯାଇଥିଲା। ପରବର୍ତ୍ତୀ ସମୟରେ ଅଦିନିଆ ବର୍ଷା ଯୋଗୁ ତାପମାତ୍ରା ହ୍ରାସ ପାଇଥିଲା। ମେ ୩ରେ ବାତ୍ୟା ଫନୀ ପରେପରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ମେ ୫ରେ ୩୫ ଡିଗ୍ରୀ, ୬ରେ ୩୭, ୭ରେ ୩୭, ୮ରେ ୩୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଶୁକ୍ରବାରଠାରୁ ତାପମାତ୍ରା ଆହୁରି ବୃଦ୍ଧି ଘଟିବବୋଲି ପାଣିପାଗ ବିଭାଗ ଆକ୍ୟୁୱେଦର ପକ୍ଷରୁ ସୂଚନା ମିଳିଛି। ମେ ୧୦ରେ ୪୧ ଡିଗ୍ରୀ, ୧୧ରେ ୪୧, ୧୨ରେ ୪୦ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ତାପମାତ୍ରା ରହିବ। ଆସନ୍ତା ୧୩ରୁ ୧୫ ପର୍ଯ୍ୟନ୍ତ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବ। ପୁଣି ୧୬ରୁ ୧୮ ପର୍ଯ୍ୟନ୍ତ ଜିଲାର ତାପମାତ୍ରା ୪୧ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ରହିବ ବୋଲି ସୂଚନା ମିଳିଛି। ଗ୍ରୀଷ୍ମ ପ୍ରବାହ କାରଣରୁ ଦିନ ୧୨ଟା ହେଲେ ପ୍ରମୁଖ ସହରର ଦୋକାନବଜାର ବନ୍ଦ ରହି ସନ୍ଧ୍ୟା ୫ଟା ପରେ ଖୋଲୁଛି। ସେହିପରି ରାସ୍ତାଘାଟଗୁଡିକ ମଧ୍ୟ ଏହି ସମୟରେ ଜନଶୂନ୍ୟ ହୋଇପଡୁଛି। ଏଭଳି ସ୍ଥିତିରେ ଥଣ୍ଡାପାନୀୟ, ବିଭିନ୍ନ ଫଳରସ, ଦହି, ଲସି, ସରବତ, ପଇଡ, ଆଖୁରସ, ବେଲ, କାକୁଡି, ତରଭୁଜ ଆଦିର ଚାହିଦା ବଢିଯାଇଛି। ଏଭଳି ସମୟ ସୁଯୋଗକୁ ହାତଛଡା ନ କରି ଦୁଇପଇସା ରୋଜଗାର କରି ଗୁଜୁରାଣ ମେଣ୍ଟାଇବା ପାଇଁ ଟାଣଖରାରେ ବି ଅସ୍ଥାୟୀ ଦୋକାନୀ ଫୁଟପାଥରେ ପସରା ମେଲାଇ ବସିଛନ୍ତି। ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ଶୋଷ ବଢୁଥିଲେ ହେଁ ଅଧିକାଂଶ ଛକ ସ୍ଥାନରେ ଜିଲା ପ୍ରଶାସନ ପକ୍ଷରୁ କୌଣସି ଜଳଛତ୍ର ଖୋଲାଯାଇ ପାରିନାହିଁ। ଯାଜପୁର ସହର ସମେତ ଅନ୍ୟାନ୍ୟ ଅଞ୍ଚଳରେ ବିଭିନ୍ନ ନଦୀ ପ୍ରବାହିତ ହେଉଥିଲେ ହେଁ ଏହାର ଚର୍ତୁଃପାର୍ଶ୍ୱରେ ପାହାଡ ଓ ବଡବଡ ଚଟାଣ ରହିଛି। ସବୁଜିମା ପାହାଡଗୁଡିକୁ ଫଟାଇ ଲଣ୍ଡା କରି ଦିଆଯାଉଛି। ଫଳରେ ଅଧିକ ଉତ୍ତାପ ବୃଦ୍ଧି ପାଇବାରେ ଲାଗିଛି। ଏଥିସହ କଂକ୍ରିଟ ରାସ୍ତା ନିର୍ମାଣ ଓ ଜଙ୍ଗଲ ସମ୍ପଦ ନଷ୍ଟ ଏହାର ଅନ୍ୟତମ ମୁଖ୍ୟ କାରଣ ସାଜିଛି। ସେହିପରି ଯାଜପୁର ଜିଲାରେ ଦ୍ରୁତ ଶିଳ୍ପାୟନ ଯୋଗୁ ପରିବେଶ ପ୍ରଭାବିତ ହେଉଛି। ବିଡମ୍ବନା ଯେ, ଜିଲାରେ ଅସହ୍ୟ ଗରମ ଅନୁଭୂତ ହେଉଥିବାବେଳେ ଜିଲା ଜରୁରୀକାଳୀନ ବିଭାଗରେ କୌଣସି ତାପମାତ୍ରା ମାପକ ଯନ୍ତ୍ର ବ୍ୟବହାର ହେଉନାହିଁ। ଭୁବନେଶ୍ୱରରୁ ତାପମାତ୍ରା ନିର୍ଦ୍ଧାରଣ ହେଉଛି ବୋଲି ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ କୁହାଯାଉଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ମେ ୧୦/୨୦୧୯ Bhubaneswar, Friday, May 10 / 2019

## ସଂକ୍ଷେପରେ

### ବାଇକ୍କୁ ପିଟିଲା ବୋଲେରୋ, ୨ ଗୁରୁତର

**ରଘୁନାଥପୁର,୯।୫(ଡି.ଏନ୍.ଏ.):** ରଘୁନାଥପୁର ଥାନା କଟକ-ପାରାଦୀପ ରାସ୍ତାର ତାରପୁର ବାଇପାସ୍‌ଠାରେ ଏକ ସ୍କୁଟିକୁ ଗୁରୁବାର ବୋଲେରୋ ଧକ୍କାଦେବାରୁ ଦୁଇ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ତିର୍ତ୍ତୋଲ ଥାନା କୋଷ୍ଟିମଲ୍ଲିକାପୁର ପଞ୍ଚାୟତ କିରଣ୍ଟି ଗାଁର ସୌରଭ ସାମଲ ଓ ସତ୍ୟଜିତ ବେହେରା। ଦୁଇ ଯୁବକ କଟକରୁ ସ୍କୁଟି ଯୋଗେ ଘର ଅଭିମୁଖେ ଆସୁଥିଲେ। ହଠାତ୍ ବୋଲେରୋ (ନଂ. ଓଆର୨୧ ସି୪୭୯୫) ବାଇପାସ ରାସ୍ତାର ରଙ୍ଗ୍ ସାଇଡ୍‌ରେ ଟର୍ଣ୍ଣିଂ କାଟିଦେବାରୁ ସ୍କୁଟି ଚାଳକ ସତ୍ୟଜିତଙ୍କ ସମେତ ସୌରଭ ସେଥିରେ ପିଟି ହୋଇଯାଇଥିଲେ। ସୌରଭଙ୍କ ଗୋଡ଼ରେ କ୍ଷତ ହେବା ସହ ରାସ୍ତା ଉପରକୁ ଛିଟିକି ପଡ଼ି ଛାତିରେ ଆଘାତ ଲାଗିଥିଲା। ସେହିପରି ସତ୍ୟଜିତ ମଧ୍ୟ ଗାଡିରେ ପିଟିହୋଇ ତଳେ ପଡ଼ିଯାଇଥିଲେ। ସ୍ଥାନୀୟ ସରପଞ୍ଚ ସରୋଜ କୁମାର ଦାସ ନିକଟସ୍ଥ ଏକ ଦୋକାନୀଙ୍କ କାରରେ ଗୁରୁତର ଯୁବକ ଦ୍ୱୟଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ। ତେବେ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବୋଲେରୋ ଓ ସ୍କୁଟିକୁ ନିଜ ହେପାଜତକୁ ନେଇଥିବା ବେଳେ ଗାଡ଼ି ଚାଳକ ଫେରାର ହୋଇଯାଇଥିଲେ।

### ଗୋରଖନାଥ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ରଘୁନାଥପୁର,୯।୫(ଡି.ଏନ୍.ଏ.):** ରଘୁନାଥପୁର ବ୍ଲକ ଛପଡ଼ା କେରେକେରାସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ଗୋରଖନାଥ ପୀଠରେ ଅକ୍ଷୟ ତୃତୀୟାଠାରୁ ୮ ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଟ୍ରଷ୍ଟବୋର୍ଡ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହେଉଥିବା ବେଳେ ସ୍ଥାନୀୟ ଯୁବକମାନେ ଏଥିରେ ପୂର୍ଣ୍ଣମାତ୍ରାରେ ସହଯୋଗ କରୁଛନ୍ତି। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଟ୍ରଷ୍ଟବୋର୍ଡ ପକ୍ଷରୁ ଆଲୋକ, ପାନୀୟଜଳ ଓ ପୋଲିସ ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ପ୍ରତି ଗୁରୁତ୍ୱ ଦିଆଯାଇଛି। ପଣ୍ଡିତମାନଙ୍କ ଦ୍ୱାରା ଯଜ୍ଞାଦି କାର୍ଯ୍ୟ ସହ ଗୋପୂଜା, ସୂର୍ଯ୍ୟପୂଜା ସହ ପ୍ରତ୍ୟହ ଆହୂତି ପ୍ରଦାନ କରାଯାଉଛି। ଟ୍ରଷ୍ଟବୋର୍ଡର ନିଯୁକ୍ତି ପ୍ରାପ୍ତ ସ୍ୱତନ୍ତ୍ର ଅଧିକାରୀ ସଂଗ୍ରାମ କେଶରୀ ଭଳ ଦାୟିତ୍ୱ ନିର୍ବାହ କରୁଛନ୍ତି। ତେବେ ସଭ୍ୟ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ପ୍ରମୋଦ କୁମାର ମହାନ୍ତି, କ୍ଷୀରୋଦ ମହାନ୍ତି, ସୁରେନ୍ଦ୍ର ନାଥ ସ୍ୱାଇଁ, ପ୍ରଦୀପ ମହାନ୍ତିଙ୍କ ସମେତ ସମସ୍ତ ସଭ୍ୟ ବିଭିନ୍ନ ଦାୟିତ୍ୱରେ ରହି ପ୍ରଭୁଙ୍କ କାର୍ଯ୍ୟ ତୁଲାଉଛନ୍ତି। ଏହି ଅବସରରେ ଯାତ୍ରୀଙ୍କୁ ଆକୃଷ୍ଟ କରିବାକୁ ଅପେରା ପାର୍ଟି ଓ ମିନାବଜାର ଆଦିର ବ୍ୟବସ୍ଥା କରାଯାଉଛି। ଆସନ୍ତା ମଙ୍ଗଳବାର ପୂର୍ଣ୍ଣାହୁତି ହେବ ବୋଲି ସଭ୍ୟଙ୍କ ପକ୍ଷରୁ ସୂଚନା ମିଳିଛି। ଗତବର୍ଷ ପରି ଚଳିତବର୍ଷ ଯେପରି ପୀଠ ବାହାରେ ବିକ୍ରି ହେଉଥିବା ଭୋଗ, ଦୀପ ଭିତରକୁ ଆଣି ପ୍ରଭୁଙ୍କ ନିକଟରେ ଭୋଗ ଲଗା ନ ଯାଏ ସେଥିପ୍ରତି ଟ୍ରଷ୍ଟବୋର୍ଡ ପ୍ରଶାସନ ଅଙ୍କୁଶ ଲଗାଇବାକୁ ପୀଠ ମଧ୍ୟରେ ଟେଣ୍ଡର ଧରିଥିବା ବ୍ୟବସାୟୀ ଆପତ୍ତି ଜଣାଇଛନ୍ତି।

# ଫନୀ ଛଡ଼ାଇନେଲା ଜୀବନ ଜୀବିକା

**କୁଜଙ୍ଗ,୯।୫(ସ୍ୱ.ପ୍ର.)**



ବାତ୍ୟାରେ ଭାଙ୍ଗିଯାଇଥିବା ଘରେ ନିରଞ୍ଜନ ଓ ତାଙ୍କ ସ୍ତ୍ରୀ ଆଲୋକପ୍ରଭା। କ୍ଷତିଗ୍ରସ୍ତ ହୋଇଥିବା ପାନ ବରଜ।

ସାମୁଦ୍ରିକ ଝଡ଼ ଫନୀ ଉପକୂଳ ଓଡ଼ିଶାରେ ତାଣ୍ଡବ ରଚିଥିବାବେଳେ ଡିଙ୍କିଆ ଚାରିଦେଶ ଏଥିରୁ ବାଦ୍‌ପଡିନାହିଁ। ଏହି ଅଞ୍ଚଳରେ ହୋଇଥିବା ପାନ ଚାଷ ସମ୍ପୂର୍ଣ୍ଣ ଧ୍ୱସ୍ତ ବିଧ୍ୱସ୍ତ ହୋଇପଡିଛି। ଫଳରେ ସ୍ଥାନୀୟ ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ଯଦିଓ ବାତ୍ୟାରେ ଏହି ଅଞ୍ଚଳରେ ସେଭଳି ଧନଜୀବନ ହାନୀ ହୋଇନାହିଁ, ତେବେ ପରିବା ଓ ପାନ ଫସଲ ଉଜୁଡ଼ିଯାଇଥିବାରୁ ଚାଷୀଙ୍କ ସହ ଗ୍ରାହକମାନେ ମଧ୍ୟ ପ୍ରଭାବିତ ହୋଇଛନ୍ତି। ପ୍ରକାଶ ଯେ, ବାଲିତୁଠ, ବାମଦେଈପୁର, ଡିଙ୍କିଆ, ଗଡ଼କୁଜଙ୍ଗ, ନୂଆଗାଁ, ଗୋବିନ୍ଦପୁର, ମାହାଳ, ନୋଳିଆ ସାହି ଆଦି ଅଞ୍ଚଳରେ ହଜାର ହଜାର ଚାଷୀ ପାନ ଚାଷ କରିଥିଲେ। ଏଠାରୁ ଉତ୍ପାଦିତ ପାନ ସ୍ଥାନୀୟ ଅଞ୍ଚଳ ସମେତ ରାଜ୍ୟ ତଥା ଦେଶ ବାହାରକୁ ରପ୍ତାନୀ ହୋଇଥାଏ। କିନ୍ତୁ ବାତ୍ୟାରେ ଶତାଧିକ ପାନବରଜ ଭାଙ୍ଗିଯାଇଛି। ଡିଙ୍କିଆ ପଞ୍ଚାୟତର ଗିରିଧାରୀ ସାହୁ, ଅକ୍ଷୟ ରାଉତ, ଦେବେନ୍ଦ୍ର ମହାନ୍ତି, ନରୀ ବର୍ଦ୍ଧନ, କ୍ଷୀରୋଦ ଦାସ, ବିଜୟ ବର୍ଦ୍ଧନ, ପୂର୍ଣ୍ଣଚନ୍ଦ୍ର ଜେନା, ନିନୁ ବେହେରା, ଚିତ୍ତରଞ୍ଜନ ବର୍ଦ୍ଧନ, ବିକାଶ ବର୍ଦ୍ଧନ, ମନୋରଞ୍ଜନ ମହାନ୍ତି, ଶୁକଦେବ ମହାନ୍ତି, ରାଜୁଆ ମହାନ୍ତି, ନରେଶ ମୁଦୁଲି ପ୍ରମୁଖଙ୍କ ପ୍ରାୟ ୧୫୦ ପାନବରଜ ଭାଙ୍ଗିଯାଇଛି। ସେହିପରି ନୂଆଗାଁର ୫୦, ଗଡ଼କୁଜଙ୍ଗର ୭୦, ନୋଳିଆସାହିରେ ୯୦ ଓ ବାମଦେଈପୁରରେ ୩୦ରୁ ଅଧିକ ପାନ ବରଜ ଭାଙ୍ଗିଯାଇଛି। କ୍ଷତିଗ୍ରସ୍ତ ଚାଷୀମାନେ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସରକାର ତୁରନ୍ତ କ୍ଷୟକ୍ଷତି ଆକଳନ କରି ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।

### ପାଲ ତଳେ ବିତୁଛି ଜୀବନ

ଫନୀ ପ୍ରଭାବରେ ବହୁ କଚ୍ଚାଘର ଭାଙ୍ଗିଯାଇଛି। ଫଳରେ ବହୁ ଲୋକ ବାସହରା ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କୁଜଙ୍ଗ ବ୍ଲକ୍ ପାଟୁପର ପଞ୍ଚାୟତ ବେଢୁଆଁ ଗ୍ରାମର ନିରଞ୍ଜନ ହେଉଛନ୍ତି ଜଣେ। ଝାଟିମାଟି ଘରେ ରହୁଥିବା ନିରଞ୍ଜନ ଓ ତାଙ୍କ ସ୍ତ୍ରୀ ଆଲୋକପ୍ରଭା ସରକାରୀ ଯୋଜନାରେ ପକ୍କାଘର ଖଣ୍ଡେ ପାଇବା ପାଇଁ ବହୁବାର ଆବେଦନ କରିଥିଲେ। କିନ୍ତୁ ସେମାନଙ୍କୁ ଘରଟିଏ ମିଳିପାରି ନ ଥିଲା। ଅର୍ଥାଭାବ ଯୋଗୁ ପେଟକୁ ଦାନା ଯୋଗାଡ଼ କରିପାରୁ ନ ଥିବା ଏହି ପରିବାର ନିଜ ଝାଟିମାଟି ଘର ଛପର କରିବାକୁ ମଧ୍ୟ ସମର୍ଥ ହୋଇ ନ ଥିଲେ। ତେଣୁ ଛପର ଉପରେ ପାଲ ପକାଇ ରହୁଥିଲେ। ଏବେ ବାତ୍ୟା ସେମାନଙ୍କୁ ଦାଉ ସାଧିଛି। ବାତ୍ୟାରେ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ବହୁ ଆସବାବପତ୍ର ନଷ୍ଟ ହୋଇଯାଇଛି। ତୁରନ୍ତ ଏହି ଦମ୍ପତିଙ୍କୁ ପ୍ରଧାନ ମନ୍ତ୍ରୀ ଆବାସ କିମ୍ବା ବିଜୁ ପକ୍କା ଘର ଯୋଗାଇ ଦେବାକୁ ପ୍ରହ୍ଲାଦ ସ୍ୱାଇଁ, ଶରତ ଚନ୍ଦ୍ର ସ୍ୱାଇଁ, ଦୟାନିଧି ମହାନ୍ତି, ସଚ୍ଚିଦାନନ୍ଦ ତ୍ରିପାଠୀ, ନିତ୍ୟାନନ୍ଦ ଜେନା ପ୍ରମୁଖ ଦାବି କରିଛନ୍ତି।

### ସ୍ୱାଭାବିକ ହୋଇନି ବିଦ୍ୟୁତ୍ ସେବା

ବାତ୍ୟାକୁ ଏକ ସପ୍ତାହ ବିତିଥିଲେ ମଧ୍ୟ କୁଜଙ୍ଗ ବ୍ଲକର ବହୁ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ତେଣୁ ଗୁରୁବାର ଅଗପାଳ ପଞ୍ଚାୟତ ପାଇକସ୍ତା ଗ୍ରାମର କିଛି ଉଦ୍ୟମୀ ଯୁବକ ନିଜ ଗ୍ରାମକୁ ବିଦ୍ୟୁତ ନେବାକ ବିଭାଗୀୟ କର୍ମଚାରୀଙ୍କୁ ସହଯୋଗ କରୁଥିବା ଦେଖିବାକୁ ମିଳିଛି। ବିଦ୍ୟୁତ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

# ପାଣି ପାଇଁ ଡହଳବିକଳ

**କୁଜଙ୍ଗ,୯।୫(ସ୍ୱ.ପ୍ର.)**

ଗ୍ରୀଷ୍ମ ପ୍ରକୋପ ସାଙ୍ଗକୁ ପାନୀୟଜଳ ସମସ୍ୟା ବଢିବାରେ ଲାଗିଛି। ଏଥିଯୋଗୁ କୁଜଙ୍ଗ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଲାଣି। ବିଶେଷକରି ମଙ୍ଗରାଜପୁର, ଫତେପୁର, ଗଣ୍ଡିକୀପୁର ଆଦି ଅଞ୍ଚଳରେ ଏହି ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ବିଦ୍ୟୁତ୍ ସରବରାହ ବ୍ୟାହତ ଓ ଭୂତଳଜଳ ଅଭାବ ଯୋଗୁ ବହୁ ଅଞ୍ଚଳରେ ପାନୀୟଜଳର ଘୋର ଅଭାବ ଦେଖାଦେଇଛି। ପାରାଦୀପ ଭଳି ଶିଳ୍ପ ସମୃଦ୍ଧ ଅଞ୍ଚଳ ହୋଇ ମଧ୍ୟ ଏଠାରେ ପାନୀୟଜଳ ସମସ୍ୟା ଦେଖାଦେବା ଦେଉଥିବାରୁ ସ୍ଥାନୀୟ ରାଜନେତାମାନଙ୍କୁ ଦାୟୀ କରିଛନ୍ତି ସାମାଜିକ କର୍ମୀ ଶ୍ରୀବଲ୍ଲଭ କର। ସେ କହିଛନ୍ତି ଯେ ପଙ୍କପାଳ, ଅଗପାଳ, ଫତେପୁର ଆଦି ଅଂଚଳରେ ଏବେ ସୁଧା ପନୀୟଜଳ ପ୍ରକଳ୍ପ ନାହିଁ। ଅନେକ ଶିଳ୍ପ ସଂସ୍ଥା ମହାନଦୀରୁ ପାଣି ଶୋଷୁଥିବା ଯୋଗୁ ଭୂତଳ ଜଳ ନିମ୍ନଗାମୀ ହୋଇଛି। କେତେକ ରାଜନେତା ଶିଳ୍ପସଂସ୍ଥାର ଦଲାଲ ସାଜି ଲୋକଙ୍କ ସମସ୍ୟା କଥା ଭୁଲିଯାଇଛନ୍ତି। ତେଣୁ ତୁରନ୍ତ ପାନୀୟଜଳ ସମସ୍ୟା ସମାଧାନ କରା ନ ଗଲେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେ କହିଛନ୍ତି।


ମହିଳାମାନେ ଟ୍ୟାଙ୍କରରୁ ପାଣି ସଂଗ୍ରହ କରୁଛନ୍ତି।

# ଫନୀ କ୍ଷତିପୂରଣ ଦାବିରେ ସିପିଆଇର ଗଣବିକ୍ଷୋଭ


ତହସିଲ କାର୍ଯ୍ୟାଳୟ ଆଗରେ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଏରସମା,୯।୫(ସ୍ୱ.ପ୍ର.)**

ଫନୀ ପ୍ରଭାବରେ ଏରସମା ବ୍ଲକର କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ପ୍ରଦାନ ଦାବିରେ ଗୁରୁବାର ସିପିଆଇ ପକ୍ଷରୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ କରାଯାଇଛି। ଯୁବନେତା ଅଭିଜିତ ସାହୁଙ୍କ ନେତୃତ୍ୱରେ ଶତାଧିକ ସିପିଆଇ କର୍ମୀ ଏରସମା ସଦରମହକୁମାସ୍ଥିତ ସିପିଆଇ କାର୍ଯ୍ୟାଳୟରୁ ପଦଯାତ୍ରାରେ ତହସିଲ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ବଂଶୀଧର ବେହେରାଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏଥିରେ ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ କ୍ଷେତ୍ରରେ ପ୍ରଶାସନ ଉଦାସୀନତା ପ୍ରଦର୍ଶନ କରୁଥିବା ଅଭିଯୋଗ ହୋଇଥିଲା। ତେଣୁ କ୍ଷୟକ୍ଷତି ଆକଳନ କରି ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସେମାନେ ଦାବି କରିଥିଲେ। ଯଦି ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଯାଏ ତେବେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଚେତାବନୀ ଦିଆଯାଇଥିଲା। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ମୁଦୁଲି, ପୂର୍ବତନ ସମିତି ସଭ୍ୟ ଶଶିଭୂଷଣ ସ୍ୱାଇଁ, ପଲିକଣ୍ଠାର ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ଚନ୍ଦ୍ର କୁଅଁର, ଗୋଡ଼ାର ପୂର୍ବତନ ସରପଞ୍ଚ ଦାମୋଦର ବେହେରା, ବାଲିତୁଠ ଜୋନ ସମ୍ପାଦକ ପୀତାମ୍ବର ଦାସ, ସର୍ବେଶ୍ୱର ବେଉରା ପ୍ରମୁଖ ଏଥିରେ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ନଷ୍ଟ ହୋଇଥିବା କାଜୁ ଗଛ ପିଛା ୧୦୦୦, ପାନ ବରଜ ପାଇଁ ୧୦,୦୦୦, ଧାନ ଏକର ପିଛା ୧୦,୦୦୦, ନଡିଆ ଗଛ ପାଇଁ ୨୦୦, ମୁଗ ଏକର ପିଛା ୧୦,୦୦୦, ଡଙ୍ଗା ଭାସି ଯାଇଥିଲେ ୧୦,୦୦୦, ଆମ୍ବ ଗଛ ପିଛା ୫୦୦ ଟଙ୍କା ସହାୟତା ପ୍ରଦାନ କରିବାକୁ ସେମାନେ ଦାବି କରିଥିଲେ। ଏଥିସହ ପାନୀୟଜଳ ଓ ବିଦ୍ୟୁତ୍ ସେବା ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

### ଫନୀ ପ୍ରଭାବରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ

**ବିରିଡ଼ି,୯।୫(ଡି.ଏନ୍.ଏ.)**

ଫନୀ ପ୍ରଭାବରେ ବିରିଡ଼ି ବ୍ଲକ ଅଞ୍ଚଳରେ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ବ୍ଲକର ୨୧ ପଞ୍ଚାୟତରେ ବିଦ୍ୟୁତ ଖୁଣ୍ଟ ଓ ତାର ଛିଡ଼ି ତଳେ ପଡିଥିବାବେଳେ କେତେକ ସ୍ଥାନରେ ଟ୍ରାନ୍ସଫର୍ମର କ୍ଷତିଗ୍ରସ୍ତ ହୋଇଛି। ବିଭାଗୀୟ ସୂଚନା ଅନୁଯାୟୀ, ବ୍ଲକରେ ୩ଟି ୩୩/୧୧ କେଭି ଷ୍ଟ୍ରକ୍‌ଚର ରହିଛି। ସେଗୁଡିକ ହେଲା ବିରିଡ଼ି, ଚାଷୀଖଣ୍ଡ ଓ ବାଲିଆ ଶିବପୁର। ଉକ୍ତ ୩ଟି ଷ୍ଟ୍ରକ୍‌ଚର କ୍ଷତିଗ୍ରସ୍ତ ହୋଇଛି। ସେହିପରି ୩୩ କେଭି ଲାଇନ୍ ଥିବା ୩୫ କିମି ମଧ୍ୟରେ ବହୁ ତାର ଛିଡ଼ିବା ସହ ଅଧିକାଂଶ ଖୁଣ୍ଟ ତଳେ ପଡିଛି। ଅନ୍ୟପକ୍ଷରେ ଗାଁ ଗହଳି ଭିତରକୁ ଯାଇଥିବା ଏଲ୍‌ଟି ଲାଇନ୍ ତାର ମଧ୍ୟ ଛିଡ଼ିପଡିଛି। ଏଗୁଡିକ ତୁରନ୍ତ ମରାମତି କରିବା ପାଇଁ ୬ଟି ଠିକା ସଂସ୍ଥା କାର୍ଯ୍ୟରେ ଲାଗିଛନ୍ତି। ଏଥିପାଇଁ ବିରିଡ଼ି ବିଡିଓ ଗିରିଜା ପ୍ରସାଦ ବାରିକ ଓ ବିଦ୍ୟୁତ୍ ବିଭାଗର କନିଷ୍ଠ ପରିଚାଳକ ବନୋଜ କୁମାର ନାୟକ ବ୍ଲକ କାର୍ଯ୍ୟାଳୟରେ ସମୀକ୍ଷା କରିଛନ୍ତି। ତୁରନ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବିଡିଓ ନିର୍ଦ୍ଦେଶ ଦେଇଛନ୍ତି।

## ■ ଜିଲାପାଳଙ୍କ ବିରିଡ଼ି ବ୍ଲକ ଗସ୍ତ

# ସିପିଏମ୍ ପକ୍ଷରୁ ଦାବିପତ୍ର ପ୍ରଦାନ

**ବାଲିଆ,୯।୫**

ଜଗତ୍‌ସିଂହପୁର ଜିଲାପାଳ ଗୁହା ପୁନମ ତାପସ କୁମାର ବୁଧବାର ସନ୍ଧ୍ୟାରେ ବିରିଡ଼ି ବ୍ଲକ ଗସ୍ତରେ ଆସି ବିଭିନ୍ନ ପଞ୍ଚାୟତ ବୁଲିବା ସହ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହା ପରେ ବିରିଡ଼ି ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓ ଗିରିଜା ପ୍ରସାଦ ବାରିକ ଓ ତହସିଲଦାର ସାଗରିକା ପ୍ରିୟଦର୍ଶିନୀଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଜିଲାପାଳ ବ୍ଲକକୁ ଆସିଥିବା ଖବରପାଇ ସିପିଆଇଏମ୍ ପକ୍ଷରୁ ଜିଲା ସମ୍ପାଦକ ଲୋଭାକାନ୍ତ ସ୍ୱାଇଁ, ଗଣେଶ ଚନ୍ଦ୍ର ମାଣିଆ, ଯୁଧିଷ୍ଠୀର ଦାସ, ନଟବର ପଲେଇ, ବେଣୁଧର ବାରିକ, ବୁଦ୍ଧଦେବ ପାତ୍ର ପ୍ରମୁଖ ତାଙ୍କୁ ଭେଟିବା ସହ ବାତ୍ୟା କ୍ଷୟକ୍ଷତି ପ୍ରଦାନ ପାଇଁ ଜିଲା ପ୍ରଶାସନ କ'ଣ ପଦକ୍ଷେପ ନେଇଛି ପଚାରିଥିଲେ। ବିରିଡ଼ି ବ୍ଲକରେ ବାତ୍ୟା ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଲୋକଙ୍କୁ କୌଣସି ସହାୟତା ପ୍ରଦାନ କରାଯାଇନାହିଁ ବୋଲି ସେମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ତୁରନ୍ତ ବିରିଡ଼ି ବ୍ଲକକୁ ସମ୍ପୂର୍ଣ୍ଣ ବାତ୍ୟା କ୍ଷତିଗ୍ରସ୍ତ ବ୍ଲକ ଘୋଷଣା କରିବା, ରିଲିଫ୍ କୋଡ୍ ଅନୁଯାୟୀ କ୍ଷତିଗ୍ରସ୍ତ ଲୋକଙ୍କୁ ସରକାରୀ ସହାୟତା ଯୋଗାଇବା, ନିରପେକ୍ଷ ତଦନ୍ତ କରି ପଲିଥିନ ପ୍ରଦାନ, ଗୋଖାଦ୍ୟ, ଘରଭଙ୍ଗା ସହାୟତା ଓ ଫସଲହାନୀ ଜନିତ ସହାୟତା ଯୋଗାଇବାକୁ ସେମାନେ ଦାବି କରିଥିଲେ। ଚାଷୀଙ୍କୁ କ୍ଷତିପୂରଣ ସହ ବିହନ ଯୋଗାଇବାକୁ ସେମାନେ ଦାବି ଜଣାଇଥିଲେ। ତେବେ ଆଲୋଚନା ବେଳେ ଜିଲାପାଳ ସେମାନଙ୍କୁ ପଲିଥିନ୍ କମ୍ ଥିବା ସମ୍ପର୍କରେ କହିଥିଲେ। ବିଦ୍ୟୁତ୍ ସଂଯୋଗ ସମ୍ପର୍କରେ ସେ କିଛି ଜାଣି ନ ଥିବା କହିବା ସହ ଆଶ୍ରୟସ୍ଥଳୀରେ ଥିବା ଲୋକଙ୍କୁ ଆଉ ୧୦ଦିନ ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ପ୍ରଦାନ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବିଦ୍ୟୁତ୍ ପାଇଁ ଅଣ୍ଟା ଭିଡ଼ିଲେ ଗ୍ରାମବାସୀ

**ନାଉଗାଁ,୯।୫(ସ୍ୱ.ପ୍ର.)**

ଫନୀ ପ୍ରଭାବରେ ନାଉଗାଁ ବ୍ଲକରେ ବିଦ୍ୟୁତ୍ ସେବା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ବାତ୍ୟାକୁ ଦୀର୍ଘ ୭ଦିନ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବ୍ଲକ, ସ୍ୱାସ୍ଥ୍ୟକେନ୍ଦ୍ର ସମେତ ପ୍ରମୁଖ ବଜାରଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ତୁରନ୍ତ ବିଦ୍ୟୁତ ସେବା ଯୋଗାଇ ଦେବାକୁ ବିଦ୍ୟୁତ କର୍ମଚାରୀମାନେ ଉଦ୍ୟମ ଚଳାଇଥିବାବେଳେ ବିଭିନ୍ନ ଗ୍ରାମରେ ଲୋକମାନେ ସେମାନଙ୍କୁ ସହଯୋଗର ହାତ ବଢାଇଛନ୍ତି। ବ୍ଲକର ବାଂଶ, କୋକିଡିହ, କାନୁନଗୋସାହି, ରୋହିଆ, ଅରକକୁଦ, ଗୋଠଦା, ତିହୁଡା ଆଦି ଗ୍ରାମର ଲୋକମାନେ ବିଦ୍ୟୁତ ଖୁଣ୍ଟ ପୋତିବା ଓ ତାର ଟାଣିବା ଆଦି କାର୍ଯ୍ୟରେ ସହଯୋଗ କରୁଛନ୍ତି। ବିଦ୍ୟୁତ ଖୁଣ୍ଟ ଉପରେ ପଡ଼ିଥିବା ଗଛ ଡାଳକୁ ଗ୍ରାମବାସୀ ମିଶି ସଫା କରୁଛନ୍ତି। ଯଥାଶୀଘ୍ର ବିଦ୍ୟୁତ ସେବା ପ୍ରଦାନ କରାଯିବ ବୋଲି ଏସଡିଓ ସୂଚନା ପ୍ରଦାନ କରିଛନ୍ତି।

# ମହେନ୍ଦ୍ର ସ୍ୱାଇଁ ହତ୍ୟାକାଣ୍ଡ: ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ

**କୁଜଙ୍ଗ,୯।୫(ସ୍ୱ.ପ୍ର.)**

୨୦୧୬ ଅକ୍ଟୋବର ୨୬ରେ ପାରାଦୀପ ସିଓ୍ୱେଜ ସିପିଂ କମ୍ପାନୀର ପରିଚାଳକ ମହେନ୍ଦ୍ର ସ୍ୱାଇଁଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ଗୁରୁବାର ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କୁଜଙ୍ଗସ୍ଥିତ ଅତିରିକ୍ତ ଜିଲା ଓ ଦୌରାଜଜଙ୍କ କୋର୍ଟରେ ଚାର୍ଜଫ୍ରେମ୍ ହୋଇଛି। ଏହି ସମ୍ବେଦନଶୀଳ ମାମଲାରେ ଶିଳ୍ପପତି ମହିମାନନ୍ଦ ମିଶ୍ର, ବସନ୍ତ ବଳ, ବାପି ସର୍ଖେଲ, ଶୁଭ ଆଚାର୍ଯ୍ୟ, ଦେବୀ ତ୍ରିପାଠୀ, ସୁଶାନ୍ତ ସେଠୀ, ରାକେଶ ଚୋବେ, ଅଶୋକ ବିହାରୀ ପ୍ରମୁଖ ଅଭିଯୁକ୍ତ ଅଛନ୍ତି। ସମସ୍ତଙ୍କ ବିରୋଧରେ ଅତିରିକ୍ତ ଜିଲା ଦୌରାଜଜ୍ ପ୍ରଣବ କୁମାର ରାଉତରାୟଙ୍କ କୋର୍ଟରେ ଚାର୍ଜପ୍ରେମ୍ କରାଯିବା ସହ ସାକ୍ଷ ଗ୍ରହଣ ପାଇଁ ଦିନାଙ୍କ ଧାର୍ଯ୍ୟ କରାଯାଇଛି। ଦଫା ୩୦୨, ୧୨୦(ବି) ୩୪ ଆଇପିସି, ୨୫, ୨୭ ଆର୍ମସ ଆକ୍ଟ, ୩ ଓ ୪ ଇଣ୍ଡିଆନ୍ ଏକ୍ସପ୍ଲୋସିଭ୍ ଆଣ୍ଡ ସସ୍‌ପେନ୍ସିଭ ଆକ୍ଟରେ କୋର୍ଟ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜଫ୍ରେମ କରିବା ସହ ଆସନ୍ତା ଜୁନ୍ ୧୦ ଓ ୧୧ ତାରିଖରେ ବିଚାର ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ଏହି ମାମଲାକୁ ପବ୍ଲିକ ପ୍ରସିକ୍ୟୁଟର ନଳିନୀକାନ୍ତ ମହାରଣା ପରିଚାଳନା କରୁଛନ୍ତି। ପ୍ରକାଶ ଯେ, ସ୍ଥାନୀୟ ପୋଲିସ ୫୦୦ ପୃଷ୍ଠା ସମ୍ବଳିତ ଏକ ଚାର୍ଜସିଟ୍ ମାର୍ଚ୍ଚ ୧୪ରେ କୁଜଙ୍ଗ ଜେଏମ୍‌ଏଫ୍‌ସିରେ ଦାଖଲ କରିଥିଲା। ଅଭିଯୁକ୍ତମାନଙ୍କୁ ଗୁରୁବାର କଡ଼ା ସୁରକ୍ଷା ମଧ୍ୟରେ କୋର୍ଟରେ ହାଜର କରାଯାଇଥିଲା।

# ବିଦ୍ୟୁତ୍ ସଂଯୋଗ ଦାବିରେ ରାସ୍ତା ଅବରୋଧ

**ତିର୍ତ୍ତୋଲ,୯।୫(ଡି.ଏନ.ଏ.)**

ବାତ୍ୟାର ୬ ଦିନ ପରେ ମଧ୍ୟ ତିର୍ତ୍ତୋଲ ବ୍ଲକର ବହୁ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ହୋଇପାରିନାହିଁ। ଏହାର ପ୍ରତିବାଦରେ ଦଣ୍ଡାସାହି, ତେରତାଙ୍କ ଗ୍ରାମର ଲୋକମାନେ ଗୁରୁବାର ତିର୍ତ୍ତୋଲ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର ଦଣ୍ଡାସାହି ଗଡ଼ାଠାରେ ଅପରାହ୍ନ ୩ଟାରୁ ୨ଘଣ୍ଟା ପର୍ଯ୍ୟନ୍ତ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ଏହି ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ନିମନ୍ତେ ମଙ୍ଗଳବାର ଲୋକମାନେ ତିର୍ତ୍ତୋଲ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟକୁ ଯାଇଥିଲେ। ଅପରାହ୍ନ ସୁଦ୍ଧା ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ସେଠାରେ ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। କିନ୍ତୁ ଅପରାହ୍ନ ସୁଦ୍ଧା ବିଦ୍ୟୁତ ସଂଯୋଗ ଦିଆ ନ ଯିବାରୁ ଲୋକମାନେ ଉତ୍ତ୍ୟକ୍ତ ହୋଇ ରାସ୍ତାରୋକୋ କରିଥିଲେ। ଫଳରେ ୨ ଘଣ୍ଟା କାଳ ଏହି ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଘଟଣାସ୍ଥଳରେ ତିର୍ତ୍ତୋଲ ଡିଏସପି ଡି.ଆର. ଜେନା, ତିର୍ତ୍ତୋଲ ଥାନା ଅଧିକାରୀ କୃଷ୍ଣପ୍ରସାଦ ମିଶ୍ର ପ୍ରମୁଖ ପହଞ୍ଚି ଲୋକମାନଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଓ ଏସଡିଓଙ୍କୁ ଡକାଇ ଏ ସମ୍ପର୍କରେ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।


ବିଦ୍ୟୁତ୍ ସେବା ପ୍ରଦାନ ଦାବିରେ ଗ୍ରାମବାସୀ କଟକ-ପାରାଦୀପ ରାସ୍ତା ଅବରୋଧ କରିଛନ୍ତି।

## ■ ବାତ୍ୟା କ୍ଷୟକ୍ଷତି ଓ ରିଲିଫ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

# ଉପରଠାଉରିଆ ସମୀକ୍ଷା, ଲୁଚିଗଲା ଅବ୍ୟବସ୍ଥା

**ଜଗତ୍‌ସିଂହପୁର ଅଫିସ,୯।୫**

ଗୁରୁବାର ରାଜ୍ୟ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଜଗତସିଂହପୁର ଜିଲା ଗସ୍ତରେ ଆସି ଫନୀ କ୍ଷୟକ୍ଷତି, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି। ତେବେ ଏହି ସମୀକ୍ଷା ବୈଠକ କେବଳ ଉପରଠାଉରିଆ ହୋଇଥିବା ଜଣାଯାଇଛି। ବୈଠକରେ ଯେପରି ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ନ ରହିବେ ସେଥିପାଇଁ କଡ଼ା ନିର୍ଦ୍ଦେଶ ଥିଲା। ଏପରି କି ବୈଠକ ପରେ ମଧ୍ୟ ମୁଖ୍ୟ ଶାସନ ସଚିବ ପାଢୀ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଚାହିଁ ନ ଥିଲେ। ବରଂ ଦୂରେଇ ଯିବାକୁ ଚେଷ୍ଟା କରିଥିଲେ। ବୈଠକରେ ରାଶନ କାର୍ଡ ହିତାଧିକାରୀଙ୍କୁ ଜଣ ପିଛା ୫ କିଲୋ ଚାଉଳ, ସରକାରୀ ଧାର୍ଯ୍ୟ ଦରରେ କିରୋସିନ ପ୍ରଦାନ ସହ ପରିବାର ପିଛା ୫୦୦ ଟଙ୍କା ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଭଡାଧାରୀଙ୍କୁ ସରକାରଙ୍କ ଘୋଷଣା ଅନୁଯାୟୀ ଅଧିକ ଭଡା ରାଶି ପ୍ରଦାନ ପାଇଁ କହିଥିଲେ। ଅନ୍ୟ ପ୍ରସଙ୍ଗ ଉପରେ ଯାହା କିଛି ସମୀକ୍ଷା ହୋଇଥିଲା ତାହା କେବଳ ଉପରଠାଉରିଆ ବୋଲି ଜଣାଯାଇଛି। ଅଧିକାରୀମାନେ ମିଥ୍ୟା ରିପୋର୍ଟ ପ୍ରଦାନ କରିଥିବାବେଳେ ଜିଲାପାଳ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପର ପ୍ରଶଂସା କରିଥିଲେ। ଏହାର ବାସ୍ତବତା ନ ବୁଝି ପାଢୀ ସନ୍ତୋଷ ବ୍ୟକ୍ତ କରିଥିଲେ। ଫନୀ ପ୍ରଭାବରେ ଜିଲାରେ କେହି ମୃତାହତ ହୋଇ ନ ଥିବା କୁହାଯାଇଥିଲା। ବାତ୍ୟା ପୂର୍ବର ପ୍ରସ୍ତୁତି ଓ ପରବର୍ତ୍ତୀ ପଦକ୍ଷେପ ସନ୍ତୋଷଜନକ ଥିଲା ବୋଲି ଜିଲାପାଳ କହିବା ଫଳରେ ପାଢୀ ଖୁସି ହୋଇ ଧନ୍ୟବାଦ ଦେଇଥିଲେ। କିନ୍ତୁ ବାସ୍ତବରେ ପ୍ରଶାସନର ସ୍ଥାଣୁତା ଯୋଗୁ ଲକ୍ଷାଧିକ ଲୋକ ଏବେ ମଧ୍ୟ ଦୁର୍ଦ୍ଦଶା ଭୋଗୁଥିବା ଅଭିଯୋଗ ହେଉଛି। ଗଣମାଧ୍ୟମ ପ୍ରତିନିଧିଙ୍କୁ ମାତ୍ର ୧ ମିନିଟ୍ ସମୟ ଦେଇ ପାଢୀ ବାସ୍ତବ ଚିତ୍ର ବୁଝିବା ପରିବର୍ତ୍ତେ ନିଜ ଆଡୁ ଦୁଇପଦ କହି ଉଠିଯାଇଥିଲେ। ବାତ୍ୟାରେ ଭାଙ୍ଗିଥିବା ଘର ଚିହ୍ନଟ ବେଳେ ତହସିଲଦାରମାନେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ଘର ଚିହ୍ନଟ ସମୟରେ ଉପଜିଲାପାଳ ଲଗାତାର ଯାଞ୍ଚ କରିବାକୁ କୁହାଯାଇଥିଲା। ବିଦ୍ୟୁତ୍ ସେବା ସ୍ୱାଭାବିକ କରିବା, ସ୍ୱାସ୍ଥ୍ୟସେବା, ଫସଲହାନୀ ଓ ଘରଭଙ୍ଗା କ୍ଷୟକ୍ଷତି ଆକଳନ ଆଦି ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଜିଲାକୁ ବିଦ୍ୟୁତ ବିଭାଗର ଅଧିକ ୧୫ ଜଣ କନିଷ୍ଠ ଯନ୍ତ୍ରୀ, ୩୦ ଗ୍ୟାଙ୍ଗ ଓ ବିଦ୍ୟୁତ ଖୁଣ୍ଟ ଆବାଶ୍ୟକ ଥିବା କୁହାଯାଇଥିଲା। ଜିଲାରେ ୨୫୫ ପାନୀୟ ଜଳ ପ୍ରକଳ୍ପ ମଧ୍ୟରୁ ୧୩୮ଟି କାର୍ଯ୍ୟକ୍ଷମ ହୋଇଛି। ୭୬ଟି ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦିଆଯାଉଛି। ୬୫୮ ପାନବରଜ କ୍ଷତିଗ୍ରସ୍ତ ହୋଇଥିବାବେଳେ ୧୯ଟି ଡଙ୍ଗା ଓ ୭ ଜାଲ ନଷ୍ଟ ହୋଇଛି। ଜଗତସିଂହପୁର ବିଦ୍ୟୁତ୍ ଡଭିଜନରେ ୬୦୦୦ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଥିବାବେଳେ ପାରାଦୀପ ଡିଭିଜନରେ ୧୮୦୦ ଖୁଣ୍ଟ କ୍ଷତିଗ୍ରସ୍ତ ହୋଇଛି। ଜିଲାରେ ୧୩,୮୨୦ ନଳକୂପ କାର୍ଯ୍ୟକ୍ଷମ ଅଛି ବୋଲି କୁହାଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧିର, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଡେପୁଟି କଲେକ୍ଟର (ଜରୁରୀ) କଲ୍ୟାଣ ସୌରଭ ଦାସଙ୍କ ସମେତ ବିଡିଓ, ତହସିଲଦାରମାନେ ଉପସ୍ଥିତ ଥିଲେ।


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ



ଯେଉଁ ଲୋକ ସାହସୀ ନୁହେଁ, ସେ କେବେହେଲେ ବିବେକର ନିର୍ଦ୍ଦେଶମାନି କାମ କରିପାରିବ ନାହିଁ।
- ଲୁଇସ୍ ବ୍ରାଣ୍ଡିସ୍

## ସଂକ୍ଷେପରେ

### କାଠ ଭୁଶୁଡ଼ି ଜଣେ ମୃତ

**ପୁରୀ ଅଫିସ, ୯।୫:** ସଦର ଥାନା ଅନ୍ତର୍ଗତ ତଳଜଙ୍ଗ ଗ୍ରାମର ଜଣେ ଗୁରୁବାର ଶୌଚ ହେବାକୁ ଯାଉଥିବାବେଳେ ବାତ୍ୟା ପରେ ଅଧା ଭଙ୍ଗା ଅବସ୍ଥାରେ ଥିବା ଏକ କାଠ ତାଙ୍କ ଉପରେ ପଡ଼ିଯାଇଥିଲା। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବରୁ ପୁରୀ ଜିଲାରେ ବାତ୍ୟା ଜନିତ ମୃତ୍ୟୁ ସଂଖ୍ୟା ୩୭ଥିବାବେଳେ ଏବେ ୩୮ରେ ପହଞ୍ଚିଥିବା ଜଣାପଡ଼ିଛି।

### ରିଲିଫ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଧସ୍ତାଧସ୍ତି

**ପୁରୀ ଅଫିସ, ୯।୫:** ସାମୁଦ୍ରିକ ଝଡ଼ ଫନୀ ପୁରୀ ଜିଲାରେ ସବୁଠୁ ବେଶି କ୍ଷୟକ୍ଷତି କରିଛି। ବାତ୍ୟା ଯୋଗୁ ଲକ୍ଷ ଲକ୍ଷ ଲୋକ ବାସହରା ହେବା ସହ ଭୋକ ଉପାସରେ ରହିଛନ୍ତି। ବାତ୍ୟା ପରେ ରାଜ୍ୟ ସରକାର ରିଲିଫ ଘୋଷଣା କରିଥିବାବେଳେ ଏଥିରେ ବିଭ୍ରାଟ ଦେଖାଦେବାରୁ ଅନେକ ସ୍ଥାନରେ ଜନଅସନ୍ତୋଷ ଦେଖାଦେଇଛି। ଏ ନେଇ ଗୁରୁବାର ପୁରୀ ବଳିଆପଣ୍ଡା ବସ୍ତି ଓ ବାଲିନୋଳିଆ ସାହିର ବହୁ ଲୋକ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟକୁ ପୋଲିସ ସୁରକ୍ଷା ଯୋଗାଉଥିବାରୁ କାହାରିକୁ ଗେଟ ଭିତରକୁ ଛଡ଼ା ଯାଉନାହିଁ। ମାତ୍ର ବଳିଆପଣ୍ଡା ବସ୍ତିର ଜଣେ ଯୁବକ ଜବରଦସ୍ତି ଗ୍ରୀଲ ଖୋଲିବାକୁ ଚେଷ୍ଟା କରିଥିଲା। ପୋଲିସ ତାକୁ ବାଧା ଦେବାରୁ ପୋଲିସ ଓ ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ବହୁସଂଖ୍ୟାରେ ବସ୍ତିଲୋକ ସେଠାରେ ପହଞ୍ଚିବାରୁ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା।

### ପୁରୀ ଜିଲାରେ ୩୨ହଜାର ହେକ୍ଟର ଫସଲ ହାନି

**ପୁରୀ ଅଫିସ, ୯।୫:** ପ୍ରଳୟଙ୍କରୀ ବାତ୍ୟ ଫନୀ ପୁରୀ ଜିଲାରେ ତାଣ୍ଡବ ରଚିଛି। ବାତ୍ୟାରେ ଜିଲାରେ ଅନେକ କ୍ଷୟକ୍ଷତି ହୋଇଥିବାବେଳେ ଚାଷ ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଛି। ପୁରୀ ଜିଲାର ଅର୍ଥନୀତି ମୁଖ୍ୟତଃ ପର୍ଯ୍ୟଟନ ଏବଂ ଚାଷ ଉପରେ ନିର୍ଭର କରିଥାଏ। ବାତ୍ୟା ସବୁ ନଷ୍ଟ କରିଦେଲା। ଜିଲା ମୋଟ ଚାଷ ଜମି ମଧ୍ୟରୁ ବାତ୍ୟାରେ ୩୨ହଜାର ହେକ୍ଟର ଚାଷ ଜମିରେ ଫସଲ ହାନି ହୋଇଥିବା ଜିଲା ଉପକୃଷି ନିର୍ଦ୍ଦେଶକ ଏସ୍ ଚନ୍ଦ୍ରଶେଖର ରାଓ ଗୁରୁବାର ରାଜ୍ୟସରକାରଙ୍କୁ ରିପୋର୍ଟ ଦେଇଛନ୍ତି।

### ଖବରଦାତାଙ୍କ ପିତୃ ବିୟୋଗ

**ରଣପୁର,୯।୫ (ସ୍ୱ.ପ୍ର.):** ରଣପୁର ଏନ୍ଏସି ଓ ବ୍ଲକରେ ଏକ ଦୈନିକ ଖବରକାଗଜରେ କାର୍ଯ୍ୟ କରୁଥିବା ଖବରଦାତା ବ୍ରଜ ରଣସିଂହଙ୍କ ପିତା ରାଧାଚରଣ ରଣସିଂହ(୮୫)ଙ୍କ ହୃଦ୍‌ଘାତରେ ମଙ୍ଗଳବାର ମୃତ୍ୟୁ ହୋଇଛି। ମଙ୍ଗଳବାର ସକାଳେ ରାଧାଚରଣ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ ରଣପୁର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାସଭବନରେ ତାଙ୍କର ମରଶରୀର ପହଞ୍ଚିବା ପରେ ଶତାଧିକ ଲୋକ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା । ବଡପୁଅ ରାଜ ରଣସିଂହ ମୁଖାଗ୍ନି ଦେଇଥିଲେ।

# ବିପନ୍ନମାନଙ୍କୁ ସହାୟତା ପାଇଁ ପାଣ୍ଠି ସଂଗ୍ରହ

**ନୟାଗଡ଼ ଅଫିସ,୯।୫**

ବାତ୍ୟା ଫନୀରେ ବିପନ୍ନମାନଙ୍କୁ ସହାୟତା ପ୍ରଦାନ ନିମନ୍ତେ ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଣ୍ଠି ସଂଗ୍ରହ କରାଯାଉଛି। ଏପରି କି ଜିଲା ପ୍ରଶାସନ ପକ୍ଷରୁ ମଧ୍ୟ ସହାୟତା ନିମନ୍ତେ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଗୁରୁବାର ପୂର୍ବାହ୍ନରେ ନୟାଗଡ଼ ଜିଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି ) ପକ୍ଷରୁ ନୟାଗଡ଼ ନଗର କାର୍ଯ୍ୟକର୍ତ୍ତାମାନଙ୍କ ସହାୟତାରେ ବାତ୍ୟା ବିପନ୍ନ ଲୋକମାନଙ୍କୁ ସହଯୋଗ ନିମନ୍ତେ ପାଣ୍ଠି ସଂଗ୍ରହ କରାଯାଉଥିବାର ଦେଖିବାକୁ ମିଳିଥିଲା । ନଗରର କାର୍ଯ୍ୟକର୍ତ୍ତାମାନେ ନୟାଗଡ଼ ସହର ଓ ବିଭିନ୍ନ କାର୍ଯ୍ୟାଳୟ ବୁଲି ବୁଲି ପାଣ୍ଠି ସଂଗ୍ରହ କରୁଥିଲେ । ଏହି ଅର୍ଥ ବିପନ୍ନଙ୍କ ପାଇଁ ଦିଆଯିବ ବୋଲି ନଗର ସମ୍ପାଦକ ଦିଲୀପ ନାୟକ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସହସମ୍ପାଦକ ରାଜେଶ କୁମାର ପାତ୍ର, ଛାତ୍ରନେତା ପରମେଶ୍ୱର ସାହୁ, ସୁଧାଂଶୁ ସାହୁ, ତାପସ କୁମାର ଜେନା, ପ୍ରଦୀପ କୁମାର ବାଇ ପ୍ରମୁଖ ଯୋଗଦେଇଥିଲେ। ସେହିପରି ନୟାଗଡ଼ ଶାଖା ଭାରତ ବିକାଶ ପରିଷଦ ଓ ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ମିଳିତ ସହଯୋଗରେ ପୁରୀରେ ବାତ୍ୟା ଫନୀ ପାଇଁ




ଏବିଭିପି ପକ୍ଷରୁ ନୟାଗଡ଼ ସହରରେ ପାଣ୍ଠି ସଂଗ୍ରହ କରାଯାଉଛି ।

### ଜିଲା ପ୍ରଶାସନ ପକ୍ଷରୁ ସହାୟତା କରିବାକୁ ଅନୁରୋଧ

ବିପନ୍ନମାନଙ୍କୁ ସହାୟତା ପ୍ରଦାନ କରାଯାଇଛି। ବିସ୍କୁଟ, ପାଉରୁଟି, ଚୁଡ଼ା, ଚିନି, ଚାଓମିନ୍, ପାନୀୟ ଜଳ ପୁରୀର ବିଭିନ୍ନ ବସ୍ତିରେ ଦିଆଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ଡିଜେଲ, କିରୋସିନ ସହିତ ଏକ ଜେନେରେଟର ଓ ଟୁଲ୍ ପମ୍ପକୁ ପରୀ ଶାଖାକୁ ସହାୟତା ପ୍ରଦାନ କରିବା ପାଇଁ ଦିଆଯାଇଛି। ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ରର ସମ୍ପାଦକ ଶ୍ରୀଧର ସାହୁଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶାଖା ଅଧ୍ୟକ୍ଷ ବିଦ୍ୟାଧର ଆଚାର୍ଯ୍ୟ, ସଦସ୍ୟ ପ୍ରସନ୍ନ କୁମାର ବସନ୍ତିଆ, ସନ୍ତୋଷ କୁମାର ନାୟକ, ନିରଞ୍ଜନ ପାତ୍ର, ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅନ୍ୟପକ୍ଷେ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ବାତ୍ୟା ବିପନ୍ନମାନଙ୍କୁ ସହାୟତା ନିମନ୍ତେ ନିବେଦନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ହୋଇଥିବା ଏହି ଚିଠିରେ ଦର୍ଶାଯାଇଛି ଯେ, ଗତ ୩ ତାରିଖରେ ବାତ୍ୟା ଫନୀ ପ୍ରଭାବରେ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲା ସମେତ ପୁରୀ, ଭୁବନେଶ୍ୱର ଓ କଟକ ଅଧିକ ପ୍ରଭାବିତ ହୋଇଛି। ଗମନାଗମନ, ସ୍ୱାସ୍ଥ୍ୟସେବା, ଖାଦ୍ୟ, ପାନୀୟଜଳ, ବାସଗୃହ, ବିଜୁଳିସେବା, ମୋବାଇଲ୍ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଏଣୁ ବାତ୍ୟା ପ୍ରପୀଡ଼ିତ ଓ ପ୍ରଭାବିତ ଅଞ୍ଚଳମାନଙ୍କ ପୁନର୍ବାସ ଓ ଥଇଥାନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ ମୁକ୍ତହସ୍ତରେ ଦାନ କରିବା ପାଇଁ ସରକାରୀ କର୍ମଚାରୀ ଓ ଜିଲାର ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

# ନଳକୂପ ଅଚଳ, ଦୂଷିତ ପାଣି ପିଉଛନ୍ତି ଗ୍ରାମବାସୀ

**ରଣପୁର,୯।୫ (ସ୍ୱ.ପ୍ର.)**

ରଣପୁର ବ୍ଲକ ପଟିଆ ପଞ୍ଚାୟତର ଜରିପଡା ହରିଜନ ସାହିରେ ୮ମାସ ହେବ ଏକ ନଳକୂପ ଅଚଳ ହୋଇପଡିଛି। ଫଳରେ ସାହିର ୨୫୦ରୁ ଊର୍ଦ୍ଧ୍ୱ ପରିବାର ପାନୀୟଜଳ ପାଇଁ ଡହଳବିକଳ ହେଉଛନ୍ତି। ବାଧହୋଇ ସେମାନେ ନିକଟସ୍ଥ ନାଳରୁ ଦୂଷିତ ପାଣି ବ୍ୟବହାର କରୁଥିବା ଦେଖାଦେଇଛି। ଏ ନେଇ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ସମେତ ରଣପୁର ବ୍ଲକରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁ କୂଅ ପୋଖରୀ ଶୁଖିଯାଇଥିଲା ବେଳେ ନଳକୂଅଟି ଲୋକମାନଙ୍କ ପାନୀୟ ଜଳ ସମସ୍ୟା ଦୂର କରୁଥିଲା। କିନ୍ତୁ ଏହା ଖରାପ ହୋଇଯାଇଥିବାରୁ ସ୍ଥାନୀୟ ଲୋକମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଅଚଳ ନଳକୂପ କାର୍ଯ୍ୟକ୍ଷମ କରିବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଆନ୍ତରିକତା ପ୍ରକାଶ କରୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହାଛଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ନଳକୂପ ଖରାପ ହେବା ସହିତ ପାଣି ବାହାରୁ ନ ଥିବାରୁ ଲୋକମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ଅଚଳ ନଳକୂପ ମରାମତି କରିବାକୁ ଦାବି ହେଉଛି।



ଅଚଳ ନଳକୂପ।

# ରଘୁନାଥଙ୍କ ପୀଠରେ ରାମଲୀଳା ଉଦ୍‌ଯାପିତ

**ବୋଲଗଡ଼,୯।୫(ଡି.ଏନ.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇଗଡ଼ସ୍ଥିତ ଶ୍ରୀ ଶ୍ରୀ ରଘୁନାଥଙ୍କ ପୀଠରେ କବି ଅନଙ୍ଗ ନରେନ୍ଦ୍ରଙ୍କ ରଚିତ ରାମଲୀଳା ଯାତ୍ରା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶ୍ରୀରାମ ନବମୀଠାରୁ ଭକ୍ତି, ଆମୋଦ, ନୈତିକ ମୂଲ୍ୟବୋଧ, ଭ୍ରାତୃତ୍ୱର ବାର୍ତ୍ତା ବହନ କରି ସ୍ଥାନୀୟ ଗଡସାହି ପକ୍ଷରୁ ଏହି ଉତ୍ସବ ଅନୁଷ୍ଠିତ ହେଉଥିଲା। ଉଦ୍‌ଯାପନୀ ଦିବସରେ ରାବଣ ବଧ ପରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଦୃଶ୍ୟ ଦର୍ଶକଙ୍କୁ ବିଭୋର କରିଥିଲା । ରାମଲୀଳା ରଚୟିତା କବି ଅନଙ୍ଗ ନରେନ୍ଦ୍ର ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବାଙ୍କୋଇ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ କେଉଁଠି ରାମଲୀଳା ଯାତ୍ରା ଅନୁଷ୍ଠିତ ହେଉଛି ତ ଅନ୍ୟ କେଉଁଠି କବିଙ୍କ ରଚିତ ରାମଲୀଳା ପୋଥି ଗାନ କରାଯାଉଛି । ତେବେ ଗଡସାହିସ୍ଥିତ ଶ୍ରୀ ରଘୁନାଥଙ୍କ ପୀଠ ପରିସର ରାମଲୀଳା ଯାତ୍ରାସ୍ଥଳୀଠାରେ ଡାଳ ଛାମୁଡିଆ ନିର୍ମାଣ କରାଯାଇଥିଲା। ଠାକୁରଙ୍କ ଆଳତି ପରେ ରାମଲୀଳାରେ ବର୍ଣ୍ଣିତ ବିଷୟ ବସ୍ତୁଗୁଡିକ ନାଟକ ମାଧ୍ୟମରେ ପରିବେଷିତ ହୋଇଥିଲା। ଗାୟକ ରାମଲୀଳା ପୋଥି ଗାନ କଲାବେଳେ ପାଳିଆମାନେ ପାଳି ଧରିଥିଲେ। ଭଣତି ଛାନ୍ଦଗୁଡିକୁ ବିଭିନ୍ନ ସ୍ୱର, ତାଳ, ଛନ୍ଦ ଓ ରସରେ ଗାନ କଲାବେଳେ ପାରମ୍ପରିକ ବାଦ୍ୟ, ପଖଜ, ଗିନି, ତାଳ ଆଦି ବାଦ୍ୟଯନ୍ତ୍ର ବ୍ୟବହାର କରାଯାଇଥିଲା। କଳାକାରମାନେ ବାଦ୍ୟର ତାଳେ ତାଳେ ନୃତ୍ୟ ପରିବେଷଣ ସହ ନିଜର ସଂଳାପଗୁଡିକୁ ନାଟକୀୟ ଢଙ୍ଗରେ ପରିବେଷଣ କରିଥିଲେ। ଚରିତ୍ର ଅନୁସାରେ ହନୁମାନ, ଅଙ୍ଗଦ, ସୁଗ୍ରୀବ, ଜାମ୍ବବାନ, ରାକ୍ଷସ, ବାନର ବେଶ ଧାରଣ କରିଥିବା କଳାକାରଙ୍କ କାଷ୍ଠମୁଖା ଦର୍ଶକଙ୍କ ପାଇଁ ସ୍ୱତନ୍ତ୍ର ଆକର୍ଷଣ ଥିଲା।



ରାମାଭିଷେକର ଏକ ଦୃଶ୍ୟ।

- **ରାବଣ ବଧ, ରାଜାଭିଷେକ ଦୃଶ୍ୟରେ ବିଭୋର ଦର୍ଶକ**
- **କାଷ୍ଠମୁଖା ସାଜିଲା ସ୍ୱତନ୍ତ୍ର ଆକର୍ଷଣ**

# ରିଲିଫ ପାଇଁ ଜିଲାପାଳଙ୍କୁ ଗୁହାରି

**ପୁରୀ ଅଫିସ, ୯।୫**

ବାତ୍ୟା ଭାଙ୍ଗିଦେଇଛି ଘର। ମୁଣ୍ଡ ଗୁଞ୍ଜିବାକୁ ରାହା ନାହିଁ। ବାତ୍ୟାକୁ ୭ ଦିନ ହେଲାଣି, ହେଲେ ଏପର୍ଯ୍ୟନ୍ତ ରିଲିଫ୍ ପହଞ୍ଚିନାହିଁ। ଏମିତି ଏକାଧିକ ସମସ୍ୟାକୁ ନେଇ ଅନେକ ଅଞ୍ଚଳର ଲୋକେ ଜିଲାପାଳଙ୍କୁ ଗୁହାରି ଜଣାଇଛନ୍ତି। ତୁରନ୍ତ ରିଲିଫ୍ ଯୋଗାଇଦେବାକୁ ଲିଖିତ ଭାବେ ଜଣାଇଛନ୍ତି। ଗୁରୁବାର ରାମଚଣ୍ଡୀସାହି ବାଲି ଉପରବସ୍ତିର ଅନେକ ମହିଳା ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ରିଲିଫ ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି। ଷ୍ଟେଶନ ରୋଡ୍ ଟେଲିଫୋନ ଏକ୍ସଚେଞ୍ଜ ନିକଟ ବସ୍ତିରେ ରହୁଥିବା ସଞ୍ଜୁବାଳା ସ୍ୱାଇଁ ଲିଖିତ ଭାବେ ଜଣାଇଛନ୍ତି ଯେ, ବାତ୍ୟାରେ ତାଙ୍କର ଆଜବେଷ୍ଟସ୍ ଘର ଖଣ୍ଡିକ ଭାଙ୍ଗିଯାଇଛି। ସମସ୍ତ ଆସବାବପତ୍ର ନଷ୍ଟ ହୋଇଯାଇଛି। ଦୁଇ ଝିଅଙ୍କୁ ନେଇ ଚଳିବା ତାଙ୍କ ପକ୍ଷେ ଏବେ କଷ୍ଟକର ହୋଇପଡିଛି। ଏ ପର୍ଯ୍ୟନ୍ତ ତାଙ୍କୁ କୌଣସି ସାହାଯ୍ୟ ମିଳିନାହିଁ। କେବଳ ସଞ୍ଜୁବାଳା ଏକା ନୁହନ୍ତି, ବସ୍ତିର ଅନେକ ମହିଳା ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଲିଖିତ ଭାବେ ସେମାନଙ୍କ ଅଭାବ ଅସୁବିଧା ଜଣାଇଛନ୍ତି। ତୁରନ୍ତ ପ୍ରଶାସନିକ ଅଧିକାରୀ ତାଙ୍କ ଅଞ୍ଚଳରେ ପହଞ୍ଚି ବାତ୍ୟାଜନିତ କ'ଣ କ୍ଷତି ଘଟିଛି ତାହା ଦେଖି ରିଲିଫ୍ ପ୍ରଦାନ ଲାଗି ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି।

# ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଖଣ୍ଡପଡ଼ା,୯।୫(ସ୍ୱ.ପ୍ର.)**

ଜଗତ କଲ୍ୟାଣ ନିମନ୍ତେ ଭାପୁର ବ୍ଲକ ପଥରଚକଡ଼ା ପଞ୍ଚାୟତ ମାଧପୁର ଯଜ୍ଞପଦା (କୁଳାବ ଗାଦୀ) ରାମାଶ୍ରମ ପୀଠରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ବୁଧବାରଠାରୁ ଆରମ୍ଭ ହୋଇଥିବା ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ମାଧପୁର ଗ୍ରାମବାସୀଙ୍କ ସହଯୋଗରେ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ୩ଦିନ ବ୍ୟାପୀ ସୂର୍ଯ୍ୟପୂଜା, ରୁଦ୍ରାଭିଷେକ, ଶାଳା ମଣ୍ଡପ ପୂଜା ଓ ପଞ୍ଚକୁଣ୍ଡୀୟ ଆହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ତିମ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ରାମଲୀଳା ରାମ ବନବାସ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସନ୍ଧ୍ୟା ପ୍ରାୟ ୭ଟାରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କାର୍ଯ୍ୟକ୍ରମକୁ ଦେବୀ ପ୍ରସାଦ ଦାଶ, ମାନସ ରଞ୍ଜନ ମିଶ୍ର ଓ କୃଷ୍ଣଚନ୍ଦ୍ର ଶତପଥୀଙ୍କ ସମେତ ୨୨ଜଣ ସହଯୋଗୀ ପରିଚାଳନା କରିଥିଲେ । ପ୍ରତ୍ୟହ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଅଖଣ୍ଡ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା ।



ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଉଛି।

### ଆରମ୍ଭ ହେଲା ତୁମ୍ବ କାମ
# ରଥଖଳାକୁ ବିଦ୍ୟୁତ୍ ଚିନ୍ତା

**ପୁରୀ ଅଫିସ, ୯।୫**

ଜୁଲାଇ ୭ରେ ରଥଯାତ୍ରା। ୨ ମାସରୁ ଆଉ କମ୍ ସମୟ ରହିଲା। ଗତ ମଙ୍ଗଳବାର ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହୋଇଛି। ମହାରଣା ସେବକମାନେ ରଥ ତିଆରି କାମ ଆରମ୍ଭ କରିଛନ୍ତି। ଗୁରୁବାର ତିନିରଥର ତୁମ୍ବ କାମ ଆରମ୍ଭ ହୋଇଛି। ହେଲେ ପୁରୀରେ ବିଦ୍ୟୁତ୍ ନ ଥିବାରୁ ଏହା ରଥ କାମକୁ ପ୍ରଭାବିତ କରିବା ସମ୍ଭାବନା ସୃଷ୍ଟି ହୋଇଛି। ବିଦ୍ୟୁତ୍ ଚିନ୍ତା ଘାରିଛି ରଥ ନିର୍ମାଣରେ ନିୟୋଜିତ ସେବକଙ୍କୁ। ଅନ୍ୟପକ୍ଷରେ ବାତ୍ୟାରେ ଅନେକ ଭାଇପୁଅ ମହାରଣାଙ୍କ ଘର ଭାଙ୍ଗିଛି। ତିନିରଥର ମୁଖ୍ୟ ମହାରଣାମାନେ କାମରେ ଯୋଗଦେବାକୁ ସେମାନଙ୍କ ପାଖକୁ ଖବର ପଠାଇଛନ୍ତି। ହେଲେ ରଥ ନିର୍ମାଣରେ ସାମିଲ ହେବାକୁ ଥିବା ଭାଇପୁଅ ମହାରଣାମାନେ ଏ ପର୍ଯ୍ୟନ୍ତ କାମରେ ଯୋଗଦେଇନାହାନ୍ତି। ଏହା ମଧ୍ୟ ଅନ୍ୟ ଏକ ସମସ୍ୟା ହୋଇପାରେ ବୋଲି କୁହାଯାଉଛି। ନନ୍ଦିଘୋଷ ରଥର ମୁଖ୍ୟ ମହାରଣା ବିଜୟ କୁମାର ମହାପାତ୍ର କହିଛନ୍ତି, ରଥ ନିର୍ମାଣ କାମ ଦୁଇଦିନ ହେଲାଣି ଆରମ୍ଭ ହୋଇଛି। ହେଲେ ଏ ପର୍ଯ୍ୟନ୍ତ ରଥଖଳାକୁ ବିଦ୍ୟୁତ୍ ଆସିପାରିନାହିଁ। ପ୍ରାରମ୍ଭିକ ପର୍ଯ୍ୟାୟରେ ତୁମ୍ବ କାମ କରାଯାଉଛି। ମେସିନ ସାହାଯ୍ୟରେ ତୁମ୍ବରେ ବିନ୍ଧ କରାଯିବ। ଏଥିପାଇଁ ବିଦ୍ୟୁତ୍‌ର ଆବଶ୍ୟକତା ରହିଛି। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଅବଗତ କରାଯାଇଛି। ଅନ୍ୟ ଏକ ଚିନ୍ତାର ବିଷୟ ହେଉଛି, ଭାଇପୁଅ ମହାରଣାମାନେ ଏପର୍ଯ୍ୟନ୍ତ କାମରେ ଯୋଗଦେଇନାହାନ୍ତି। ବାତ୍ୟାରେ ସେମାନଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ତେଣୁ ଉଜୁଡ଼ା ଘର ସଜାଡ଼ିବାରେ ସେମାନେ ବ୍ୟସ୍ତ। କେବେ କାମରେ ଯୋଗଦେବେ ତାହା ସ୍ପଷ୍ଟ କରିନାହାନ୍ତି। ରଥ ନିର୍ମାଣରେ ଏହିଭଳି ସମସ୍ୟା ରହିଛି। ତଥାପି ଧାର୍ଯ୍ୟ ସମୟରେ ମହାପ୍ରଭୁଙ୍କ ରଥ ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ରଖିଛୁ ବୋଲି ମହାପାତ୍ର କହିଛନ୍ତି।



ରଥଖଳାରେ ରଥ ତୁମ୍ବ ନିର୍ମାଣ କରାଯାଉଛି।

# ବାତ୍ୟା କ୍ଷତିଗ୍ରସ୍ତଙ୍କୁ ରାଶନ କାର୍ଡ ଧୋକା

**ପୁରୀ ଅଫିସ, ୯।୫**

- **କାର୍ଡ ଥାଇ ମଧ୍ୟ ମିଳୁନି ସାହାଯ୍ୟ**
- **ଭୋକ ଉପାସରେ ବିତୁଛି ଦିନ**

ବାତ୍ୟା ବେସାହାରା କରିଦେଇଛି। ଖାଇବାକୁ କିଛି ନାହିଁ। ସବୁକିଛି ଉଜୁଡ଼ି ଯାଇଛି। ପ୍ରଶାସନ ପକ୍ଷରୁ ଦିଆଯାଉଥିବା ରିଲିଫ୍‌କୁ ହିଁ ଭରସା କରିଛୁ। ସରକାର ରାଶନ କାର୍ଡଧାରୀଙ୍କୁ ୫୦ କିଗ୍ରା ଚାଉଳ ଏବଂ ୨ ହଜାର ଟଙ୍କା ଦେବାକୁ ଘୋଷଣା କରିବା ପରେ ଅନେକ ଆଶା କରିଥିଲୁ। ଏପରି ଦୁଃଖଦ ସମୟରେ ଏହା ନିଶ୍ଚିତ ଆମ ପାଇଁ ବଡ଼ ସାହାଯ୍ୟ। ହେଲେ ରାଶନ କାର୍ଡ ଥାଇ ମଧ୍ୟ ଆମକୁ ଏହାର ସୁବିଧା ମିଳୁନି। ତାଲିକାରେ ନାଁ ନାହିଁ କହି ଡିଲର ଫେରାଇ ଦେଉଛନ୍ତି। ବାଧହୋଇ ମନଦୁଃଖରେ ଖାଲି ହାତରେ ଫେରିବାକୁ ପଡୁଛି ବୋଲି କୋହଭରା କଣ୍ଠରେ କହିଛନ୍ତି ଶ୍ରୀମତୀ ସାହୁ। ପୁରୀ ପୌରସଂସ୍ଥା ୩୦ନଂ. ୱାର୍ଡର ଶ୍ରୀମତୀ ସାହୁଙ୍କ ବୋହୂ ବର୍ଷା ପ୍ରିୟଦର୍ଶିନୀଙ୍କ ନାଁରେ ରହିଛି ରାଶନ କାର୍ଡ। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ଭାବେ ତାଙ୍କ ପାଖରେ କାର୍ଡ ଥିଲେ ମଧ୍ୟ ବର୍ତ୍ତମାନ ବାତ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ସରକାରଙ୍କ ଘୋଷିତ ସାହାଯ୍ୟ ଅପହଞ୍ଚ ପାଲଟିଛି। କେବଳ ବର୍ଷାଙ୍କ କ୍ଷେତ୍ରରେ ଏହା ଘଟିନି, ପୁରୀ ପୌରସଂସ୍ଥାର ପ୍ରତି ୱାର୍ଡରେ ଅନେକଙ୍କୁ ଏହିଭଳି କାର୍ଡ ବାଣ୍ଟି ଭଣ୍ଡେଇ ଦିଆଯାଇଛି।

ବାତ୍ୟାରେ ଅଧିକ କ୍ଷତିଗ୍ରସ୍ତ ହୋଇଛି ପୁରୀ ଜିଲା। ବିଶେଷକରି ପୁରୀ ସହର ଛାରଖାର୍ ହୋଇଯାଇଛି। ବାତ୍ୟା ବିପନ୍ନଙ୍କୁ ରିଲିଫ୍ ଏବଂ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ ଲାଗି ସରକାର ଗୁରୁତ୍ୱ ଦେଉଛନ୍ତି। ରନ୍ଧାଖାଦ୍ୟ, ଶୁଖିଲା ଖାଦ୍ୟ, ପଲିଥିନ ପ୍ରଦାନ କରାଯାଉଛି। ଏପରି କି, ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ସାହାଯ୍ୟ ପ୍ରଦାନ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ମୁତାବକ ଗୁରୁବାରଠାରୁ ଚାଉଳ ବଣ୍ଟନ ଆରମ୍ଭ ହୋଇଛି। ବିଭିନ୍ନ ଡିଲରଙ୍କ ମାଧ୍ୟମରେ ଏହି ଚାଉଳ ବଣ୍ଟାଯାଉଛି। ତେବେ ଏମିତି କିଛି ହିତାଧିକାରୀ ଅଛନ୍ତି, ଯେଉଁମାନଙ୍କ ପାଖରେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ ରହିଛି। ହେଲେ ସେମାନଙ୍କୁ ଚାଉଳ ମିଳୁନାହିଁ। କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ଏମିତି ଅନେକ ଗରିବ ଲୋକଙ୍କ ହାତରେ କାର୍ଡ ଖଣ୍ଡିଏ ଧରାଇ ଦେଇଛନ୍ତି। କିନ୍ତୁ ସେମାନଙ୍କୁ ଏହାର ଫାଇଦା ମିଳୁ ନ ଥିବା ଘଟଣା ଏବେ ପଦାକୁ ଆସିଛି। ପୁରୀ ପୌରସଂସ୍ଥା ୩୦ନଂ. ୱାର୍ଡର ବର୍ଷା ପ୍ରିୟଦର୍ଶିନୀ ମହାରଣା। ସ୍ୱାମୀ ଲକ୍ଷ୍ମୀକାନ୍ତ ସାହୁ। ଚଳିବା ପାଇଁ ସେମିତି କୌଣସି ନିର୍ଦ୍ଦିଷ୍ଟ ଆୟ ନାହିଁ। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ପ୍ରାୟ ୨ ମାସ ପୂର୍ବରୁ ତାଙ୍କୁ ରାଶନ କାର୍ଡ ମିଳିଛି। ତାଙ୍କ କାର୍ଡ ନଂ. ୨୬୧୫୩୧୧୧୪୫୪। ହେଲେ କାର୍ଡ ପାଇଛନ୍ତି ସିନା କିନ୍ତୁ ତାଙ୍କୁ ଏଥିରେ କିଛି ସୁବିଧା ମିଳୁନାହିଁ। ବର୍ତ୍ତମାନ ସରକାର ଘୋଷଣା କରିଥିବା ୫୦ କିଗ୍ରା ଚାଉଳରୁ ମଧ୍ୟ ସେ ବଞ୍ଚିତ। କାର୍ଡ ନେଇ ଡିଲରଙ୍କ ପାଖକୁ ଯାଇଥିଲେ, ହେଲେ ତାଲିକାରେ ନାଁ ନ ଥିବା କହି ଡିଲର ତାଙ୍କୁ ଫେରାଇ ଦେଇଛନ୍ତି। ଏହାକୁ ନେଇ ମନସ୍ତାପରେ ଅଛନ୍ତି ବର୍ଷାଙ୍କ ପରିବାର।

ଅନ୍ୟପକ୍ଷରେ କେବଳ ବର୍ଷା ନୁହଁନ୍ତି, ପୁରୀ ପୌରସଂସ୍ଥା ଅଧୀନ ବିଭିନ୍ନ ୱାର୍ଡରେ ଏହିଭଳି ଚଞ୍ଚକତା କରାଯାଇଥିବା ଜଣେ ଡିଲର ନିଜ ନାମ ଗୋପନ ରଖି କହିଛନ୍ତି। ଗରିବ ଅସହାୟକ ଲୋକଙ୍କ ସରଳତାର ସୁଯୋଗ ନେଇ ଏପରି କରାଯାଇଛି। ପୁରୀ ପୌରସଂସ୍ଥା ଅଧୀନ ବିଭିନ୍ନ ୱାର୍ଡରେ ଏଭଳି କାର୍ଡଧାରୀଙ୍କ ସଂଖ୍ୟା ୫୦୦ରୁ ଅଧିକ ହେବ। ନିକଟରେ ଶେଷ ହୋଇଥିବା ନିର୍ବାଚନ ପାଇଁ ଏଭଳି କରାଯାଇଛି। କିଛି ରାଜନେତା ନିଜର ଫାଇଦା ପାଇଁ ଏଭଳି କରିଛନ୍ତି। ଅନେକ ଲୋକଙ୍କ ହାତରେ ଏହିଭଳି କାର୍ଡ ଖଣ୍ଡେ ଖଣ୍ଡେ ଧରାଇ ଦେଇଛନ୍ତି। କିନ୍ତୁ ପ୍ରକୃତ ତାଲିକାରେ ଏମାନଙ୍କ ନାଁ ନାହିଁ। ଫଳରେ ଏମାନେ ରାଶନ କାର୍ଡରେ ମିଳୁଥିବା ସୁବିଧା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ସିଦ୍ଧମହାବୀର ଅଞ୍ଚଳର ଜଣେ ହିତାଧିକାରୀ ମଧ୍ୟ ଏହିଭଳି ଚଞ୍ଚକତାର ଶିକାର ହୋଇଛନ୍ତି। ସେ ତାଙ୍କ ଅଞ୍ଚଳର ଡିଲରଙ୍କ ପାଖକୁ ବାତ୍ୟା ବିପନ୍ନଙ୍କ ଲାଗି ମିଳୁଥିବା ୫୦ କିଗ୍ରା ଚାଉଳ ପାଇଁ ଯାଇଥିଲେ। ହେଲେ ତାଲିକାରେ ତାଙ୍କ ନାଁ ନ ଥିବା କହି ସମ୍ପୃକ୍ତ ଡିଲର ତାଙ୍କୁ ଫେରାଇ ଦେଇଥିବା ଜଣାପଡିଛି।

ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓ କହିଛନ୍ତି, ବର୍ତ୍ତମାନ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ୫୦ କିଗ୍ରା ଚାଉଳ ବଣ୍ଟନ କରାଯାଉଛି। ଯେଉଁମାନଙ୍କ ନାମ ଖାଦ୍ୟ ସୁରକ୍ଷା ଯୋଜନାରେ ରହିଛି ସେମାନଙ୍କୁ ଏହି ଚାଉଳ ଦିଆଯାଉଛି। ତେବେ ଏମିତି କିଛି ହିତାଧିକାରୀଙ୍କ ପାଖରେ କାର୍ଡ ଥିଲେ ମଧ୍ୟ ସେମାନଙ୍କୁ ଚାଉଳ ଦିଆଯାଉ ନ ଥିବା ପ୍ରସଙ୍ଗରେ ଯୋଗାଣ ଅଧିକାରୀ କହିଥିଲେ, ତାଲିକା ଅନୁଯାୟୀ ଚାଉଳ ଆସିଛି। ଯାହାଙ୍କ ନାମ ତାଲିକାରେ ନ ଥିବ ସେମାନେ ଏହି ଚାଉଳ ପାଇବେ ନାହିଁ।